


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୨ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 DECEMBER 2023

Vol.No. 34 ■ No. 315■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୩ ନୁହେଁ, ୪ରେ ପ୍ରକାଶ ପାଇବ ମିଜୋରାମ ବିଧାନସଭା ରେଜଲ୍ଟ

ନୂଆଦିଲ୍ଲୀ, ୦୧/୧୨ : ବଦଳିଲା ମିଜୋରାମ ବିଧାନସଭା ନିର୍ବାଚନର ରେଜଲ୍ଟ ତାରିଖ। ୩ ତାରିଖ ବଦଳରେ ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ତାରିଖ ପରିବର୍ତ୍ତନ ସମ୍ପର୍କରେ ଆଜି ଭାରତୀୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ପୂର୍ବରୁ ନିର୍ବାଚନ କମିଶନ ଡିସେମ୍ବର ୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି କହିଥିଲେ। କିନ୍ତୁ ଏହା ରବିବାର ପଡୁଥିବା ଏକାଧିକ ସଂଗଠନ ବିରୋଧ କରିଥିଲେ। ମିଜୋରାମ ଏନଜିଓ ସଂଯୋଜକ କମିଟି ଏହା ବିରୋଧରେ ବିକ୍ଷୋଭ କରିଥିଲା। ମିଜୋରାମରେ ଖ୍ରୀଷ୍ଟିୟାନଙ୍କ ସଂଖ୍ୟା ଅଧିକ। ରବିବାର ୩ ତାରିଖ ହେଉଛି



ଇଷ୍ଟର। ତେଣୁ ଖ୍ରୀଷ୍ଟିୟାନଙ୍କ ପାଇଁ ଏହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦିନ। ତେଣୁ ତାରିଖ ବଦଳାଇବାକୁ ଦାବି ହୋଇଥିଲା। ନିର୍ବାଚନ କମିଶନ କହିଛନ୍ତି, କାଉଣ୍ଟିଂ ତାରିଖ ବଦଳାଇବା ପାଇଁ ବିଭିନ୍ନ ସଂଗଠନ ଦାବି କରିଥିଲେ। ଏହାକୁ ସମ୍ମାନ ଜଣାଇ କେବଳ ମିଜୋରାମରେ ଭୋଟ ଗଣତି ଓ ରେଜଲ୍ଟ ପ୍ରକାଶ ୪ ତାରିଖରେ କରାଯିବ। ବାକି ୪ ରାଜ୍ୟ- ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଓ ରାଜସ୍ଥାନରେ ଆସନ୍ତା ୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

ମିଜୋରାମର ୪୦ ବିଧାନସଭା ଆସନ ପାଇଁ ନଭେମ୍ବର ୭ରେ ଭୋଟିଂ ହୋଇଥିଲା। ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୨୧। ରେଜଲ୍ଟ ପ୍ରକାଶ ପାଇବା ପୂର୍ବରୁ ଆସିଥିବା ଏକଜିଟ ପୋଲରେ ଆକଳନ କରାଯାଇଛି ଯେ ବର୍ତ୍ତମାନ କ୍ଷମତାରେ ଥିବା ମିଜୋ ନ୍ୟାଶନାଲ ଫ୍ରଣ୍ଟ ଗାଦିଚ୍ୟୁତ ହେବ। ମିଜୋରାମରେ କ୍ଲିନ୍ ସୁଇପ୍ କରିବ ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡପିଏମ)। ଦଳ ୨୮ଟିରୁ ୩୫ଟି ଆସନରେ ବିଜୟୀ ହେବ। ଗଘରକୁ ୩ରୁ ୭ଟି ଆସନ ମିଳିପାରେ। କଂଗ୍ରେସକୁ ୨ରୁ ୪ ଓ ବିଜେପିକୁ ୦ରୁ ୨ଟି ଆସନ ମିଳିବ ବୋଲି ଏକଜିଟ ପୋଲରେ କୁହାଯାଇଛି।

## ୨୦୨୮ରେ ସିଓପି୩୩ ଭାରତରେ ଆୟୋଜନ ପାଇଁ ମୋଦିଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୦୧/୧୨ : ଦୁବାଇରେ ଆୟୋଜିତ ଜଳବାୟୁ ସମ୍ମିଳନୀ (ସିଓପି୨୮)କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ସମୟରେ ୨୦୨୮ରେ ସିଓପି୩୩ ଭାରତ ଆୟୋଜନ କରିବାକୁ ଚାହୁଁଥିବା ସେ ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ଦିଗରେ ମିଳିତ ଜାତିସଂଘ ଧାର୍ଯ୍ୟ କରିଥିବା ନୀତି ପ୍ରତି ଭାରତ ପ୍ରତିଶ୍ରୁତିବଦ୍ଧ। ଖାସ ଏହି କାରଣ ପାଇଁ ଭାରତରେ ୨୦୨୮ ମସିହା ସିଓପି୩୩ ଆୟୋଜନ କରିବା ସକାଶେ ମୁଁ ଷ୍ଟେଜ ଉପରୁ ପ୍ରସ୍ତାବ ରଖୁଛି।" ନଭେମ୍ବର ୩୦ରୁ ଡିସେମ୍ବର ୧୨ ଯାଏ ଦୁବାଇରେ ମିଳିତ



ଜାତିସଂଘର ଜଳବାୟୁ ସମ୍ମିଳନୀ ସିଓପି ୨୮ ଆୟୋଜନ କରାଯାଉଛି। ୟୁଏଇ ଏହାର ଆୟୋଜନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବିଭିନ୍ନ ଦେଶ ଏହି ସମ୍ମିଳନୀରେ ଭାଗ ନେଇ ଆଲୋଚନା କରିବେ। ମୋଦି ଆଜି କହିଛନ୍ତି, "ଆଉ ଗୋଟିଏ ପ୍ରୋ ପ୍ଲାନେଟ, ପ୍ରୋ ଆକ୍ଟିଭ ଓ ସକାରାତ୍ମକ ଅଭିଯାନ-ଗ୍ରୀନ କ୍ରେଡିଟ ଅଭିଯାନ ସମ୍ପର୍କରେ ଆଜି ଏହି ମଞ୍ଚରୁ ମୁଁ ଘୋଷଣା କରିବାକୁ ଚାହେଁ।

## ଚଳିତ ବର୍ଷ ରାଜ୍ୟରେ ଶୀତ କମ୍

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଚଳିତବର୍ଷ ଜାଡରୁ ମିଳିବ ତ୍ରାହି। ଶୀତ ଋତୁରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ଶୀତର ପ୍ରକୋପ କମ୍ ରହିପାରେ। ତେଣୁ ବେଶୀ ଶୀତ ଅନୁଭୂତ ହେବନି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆଜି ଏପରି ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ଏହା କ୍ରମେ ଘନୀଭୂତ ହେବା ସହ ବାତ୍ୟାରେ ପରିଣତ ହେବ। ୩ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏହା ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୪ ତାରିଖ ସଂଧ୍ୟାରେ ଚେନ୍ନାଇ ଓ ଆନ୍ଧ୍ର ମଚ୍ଛଲିପଟ୍ଟନମ୍? ମଝିରେ ଏହି ବାତ୍ୟା ଉପକୂଳ ଛୁଇଁପାରେ। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ତିରୁପତିରେ ପ୍ରବଳ ବର୍ଷା ଲାଗିରହିଛି। ତାମିଲନାଡୁରେ ମୁତୟନ କରାଯାଇଛି ଘଡଜର ଟିମ୍। ସେପଟେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଆସନ୍ତା ୩ ଓ ୪ ତାରିଖରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷା ସଂଭାବନା ରହିଛି। ବର୍ଷା ପାଇଁ ୫ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଂଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୫ ଓ ୬ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ତେଣୁ ଏହି ୫ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି।

## ଉଦ୍ଧାର ଶ୍ରମିକଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେଲେ ରାଜ୍ୟ ସରକାର



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଉତ୍ତରକାଶୀ ଟନେଲରୁ ସୁରକ୍ଷିତ ଉଦ୍ଧାର ହୋଇଥିବା ୫ଜଣ ଓଡ଼ିଆ ଶ୍ରମିକଙ୍କ ମଧ୍ୟରୁ ଆଜି ୪ଜଣ ଶ୍ରମିକ ଓଡ଼ିଶା ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି । ଶ୍ରମ ମନ୍ତ୍ରୀ ଶାରଦା ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଏହି ଶ୍ରମିକମାନେ ନିଜ ଘରକୁ ଯିବା ପୂର୍ବରୁ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଟନେଲ୍ ଭିତରେ ପ୍ରାୟ ୧୭ଦିନ ବିତାଇଥିବା ଓଡ଼ିଆ ଶ୍ରମିକମାନଙ୍କ ଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କର ସଂଘର୍ଷପୂର୍ଣ୍ଣ ଜୀବନ ସମ୍ପର୍କରେ ଶୁଣିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜଣେ ଜଣେ ହିରୋ ବୋଲି କହିଛନ୍ତି । ପ୍ରତିକୂଳ ପରିସ୍ଥିତିରେ ଜୀବନ ସହ ସଂଗ୍ରାମ କରି ବିଜୟୀ ▶▶ପୃଷ୍ଠା ୭

## ଭୋଟର ତାଲିକା: ୫.୫୧ ଲକ୍ଷ ନୂଆ ଭୋଟର ଓ ୧.୮୭ଲକ୍ଷ ଭୋଟର ବାଦ୍

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଗତ ଅକ୍ଟୋବର ୨୭ରୁ ନଭେମ୍ବର ୧୧ତାରିଖ ପର୍ଯ୍ୟନ୍ତ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଶେଷ ହୋଇଛି। ଏହି ଅବଧି ମଧ୍ୟରେ ରାଜ୍ୟରେ ମୋଟ ୫ଲକ୍ଷ ୫୧ହଜାର ୨୩୭ଜଣ ନୂଆ ଭୋଟର ତାଲିକାରେ ସାମିଲ ହୋଇଛନ୍ତି। ୧ଲକ୍ଷ ୮୭ହଜାର ୪୦୫ଜଣ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ତେବେ ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ଜାନୁୟାରୀ ୫ତାରିଖରେ



ପ୍ରକାଶ ପାଇବ। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଏହି ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ସର୍ବାଧିକ ନୂଆ ଭୋଟର ଖୋର୍ଦ୍ଧା ଜିଲ୍ଲାରେ ୪୫୩୯୮ଜଣ ସାମିଲ ହୋଇଛନ୍ତି। ▶▶ପୃଷ୍ଠା ୭

## ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ୦୧/୧୨: ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ ହୋଇଛି । ଏନେଇ ଆଜି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ମଣିପୁର ପୋଲିସ ଓ ଆସାମ ରାଇଫଲ୍ସର ମିଳିତ ଅଭିଯାନ ସମୟରେ ଏହି ସଫଳତା ମିଳିଛି । ଏହି ମିଳିତ ଅଭିଯାନ ସମୟରେ ପୂର୍ବ ଇମ୍ଫାଲରୁ ଗୋଟିଏ ମ୍ୟାଗାଜିନ ସହିତ ୯ ଏମଏମ ପିସ୍ତଲ, ତିନୋଟି ୯ ଏମଏମ ଗୋଳା ବାରୁଦ ଓ ଛଅଟି ହ୍ୟାଣ୍ଡ ଗ୍ରେନେଡ ଜବତ ହୋଇଛି ।

## ଅଧା ରହିଲା ତାରିଣୀ ଦର୍ଶନ: ଦୁର୍ଘଟଣାରେ ଚାଲିଗଲା ୮ ଜୀବନ

କେନ୍ଦୁଝର, ୦୧/୧୨ (ନି.ପ୍ର): ମା' ତାରିଣୀଙ୍କୁ ଦର୍ଶନ କରିବା ପାଇଁ ଏକ ଭ୍ୟାନରେ ଖୁସିରେ ବାହାରିଥିଲେ ଦୁଇଟି ପରିବାର। ହେଲେ ସେମାନେ ଖୁସି ବେଶୀ ସମୟ ରହି ନଥିଲା। ଗୋଟିଏ ସେକେଣ୍ଡରେ ପାଣି ଫୋଟାକା ପରି ମିଳାଇ ଯାଇଥିଲା। ତାରିଣୀ ମନ୍ଦିର ମାତ୍ର ୩ କିଲୋମିଟର ଥିବା ବେଳେ ଘଟିଥଲା ମର୍ମନ୍ତୁଦ ଦୁର୍ଘଟଣା। ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକକୁ ଭ୍ୟାନ୍ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଘଟଗାଁ ୨୦ ବାଲିଯୋଡ଼ି ନିକଟରେ ଆଜି ଭୋରରୁ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ଘର ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା



ଅନ୍ତର୍ଗତ ପୋଡ଼ାମାରି ଗାଁର ବୋଲି ଜଣାଯାଇଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା, ୪ଜଣ ପୁରୁଷ ଓ ଗୋଟିଏ ଛୋଟ ଛୁଆ ଥିବା ଜଣାଯାଇଛି। ଏକ ଭ୍ୟାନ୍‌ରେ ଦିଗପହଣ୍ଡିରୁ ଦୁଇ ପରିବାରର ଡ୍ରାଇଭର ସମେତ ୨୧ ଜଣ ତାରିଣୀ ଦର୍ଶନ ପାଇଁ ଆସୁଥିଲେ। ଆଜି ଭୋର ପ୍ରାୟ ୫ଟା ସମୟରେ ଘଟଗାଁ ୨୦ ବାଲିଯୋଡ଼ି ନିକଟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରକକୁ ଭ୍ୟାନ୍‌ଟି ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ୪ବର୍ଷର ଶିଶୁର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନଙ୍କୁ ପ୍ରଥମେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୬ ଜଣଙ୍କ ଅବସ୍ଥା ଗୁରୁତର ▶▶ପୃଷ୍ଠା ୭

## ଷ୍ଟିଲ ପ୍ଲେଟ ନେବାକୁ ଆସିଥିଲା ଜାହାଜ: ବାହାରିଲା ୨୨ ପ୍ୟାକେଟ କୋକେନ

ପାରାଦୀପ, ୦୧/୧୨ (ନି.ପ୍ର): ଦୁଇ ଦିନ ପୂର୍ବେ ପାରାଦୀପ ପୋର୍ଟକୁ ଆସିଥିବା ଏକ ଜାହାଜକୁ ନେଇ ଆରମ୍ଭ ହୋଇଛି ତନାଘନା। ଜାହାଜରେ ବୋମା ଥିବା ସନ୍ଦେହ କରାଯାଉଥିବା ବେଳେ ଯାଞ୍ଚ ବେଳେ ସନ୍ଦେହଜନକ ଅବସ୍ଥାରେ ୨୨ଟି ପ୍ୟାକେଟ ଜବତ ହୋଇଛି। । ସମସ୍ତ ପ୍ୟାକେଟରେ ନିଷିଦ୍ଧ ଡ୍ରଗ୍ସ କୋକେନ ଥିବା ସ୍ପଷ୍ଟ ହୋଇଛି। ଦୁଇ ଦିନ ତଳେ ପାରାଦୀପ ପୋର୍ଟ ଚଓଉଞ୍ଚ ବର୍ଥରେ ଲାଗିଛି ଜାହାଜ ଗଠ ଉରଈଓ । ଇଣ୍ଡୋନେସିଆର ଗ୍ରେସିକ ପୋର୍ଟରୁ ଏହି ଜାହାଜ ଆସି ପାରାଦୀପ ପୋର୍ଟରେ





ପହଞ୍ଚିଥିଲା। ପାରାଦୀପରୁ ଷ୍ଟିଲ ପ୍ଲେଟ ବୋଝେଇ ପରେ ତାହା ଡେନମାର୍କ ଅଭିମୁଖେ ଯାଇଥାନ୍ତା। ମାତ୍ର ଗଠ ଉରଈଓରେ ଷ୍ଟିଲ ପ୍ଲେଟ ବୋଝେଇ କରିବା ନିମନ୍ତେ ଗତକାଲି କ୍ରେନ୍ ଅପରେଟର ଜାହାଜର ଚାମ୍ବରକୁ ଯାଇଥିଲେ। ସେଠାରେ ସେ କିଛି ସନ୍ଦେହଜନକ ପଦାର୍ଥ ଦେଖିବାକୁ ପାଇଥିଲେ। ଏନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ । ▶▶ପୃଷ୍ଠା ୭

## ୪୫ ସ୍କୁଲକୁ ବୋମା ବିସ୍ଫୋରଣ ଧମକ ସବୁଆଡ଼େ ହଇଚଇ, ସୁରକ୍ଷିତ ସ୍ଥାନକୁ ଗଲେ ପିଲା



ବେଙ୍ଗାଲୁରୁ, ୦୧/୧୨ ବେଙ୍ଗାଲୁରୁର ୪୫ଟି ସ୍କୁଲକୁ ବୋମାରେ ଉଡାଇ ଦେବାକୁ ମିଳିଲା ଧମକ । ବିଦ୍ୟାଳୟରେ ପହଁଚିଛି ଧମକପୂର୍ଣ୍ଣ । ଇମେଲ ପାଇବା ପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ ଆତଙ୍କିତ ହେବା ସହ ସ୍କୁଲକୁ ତୁରନ୍ତ ଖାଲି କରାଯାଇଥିଲା । ସର୍ତକତା ଦୃଷ୍ଟିରୁ ପ୍ରଶାସନ ସମସ୍ତ ବିଦ୍ୟାଳୟକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି । ଅନେକ ବିଦ୍ୟାଳୟ ଆଗରେ ବମ ସ୍କାର୍ଡ ଟିମ୍ ପହଂଚି ତଦନ୍ତ କରୁଛି । ସୁରକ୍ଷା ଏଜେନ୍ସି ଓ ଡଗ ସ୍କାର୍ଡ ପହଂଚି ସର୍ଚ୍ଚ ଅପରେସନ୍ କରିଛନ୍ତି । ଏବେଯାଏଁ କୌଣସି ବୋମାର ସନ୍ଧାନ ମିଳିପାରିନି । ଧମକପୂର୍ଣ୍ଣ ଇମେଲ ପାଇଥିବା ୪୫ଟି ସ୍କୁଲ ମଧ୍ୟରେ ଗୋଟିଏ ସ୍କୁଲ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବ କୁମାରଙ୍କ ବାସଭବନ ଆଗରେ ରହିଛି । ଏହି ଖବର ପ୍ରସାରଣ ହେବା ପରେ ନିଜେ ଶିବକୁମାର ଯାଂଚ ପାଇଁ ସ୍କୁଲରେ ପହଂଚିଥିଲେ । ଭୟଭୀତ କରାଇବାକୁ କେହି ଏଭଳି ଉଦ୍ୟମ କରିଥିବା ଅନୁମାନ କରାଯାଉଛି, ତଥାପି ସର୍ତକ ରହିବାକୁ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶିବ କୁମାର ।

## ହାଇକମାଣ୍ଡ ଯଦି ନିର୍ଦ୍ଦେଶ ଦେବେ, ୫ ରାଜ୍ୟର ବିଧାୟକଙ୍କୁ ସମ୍ଭାଳିବାକୁ ମୁଁ ପ୍ରସ୍ତୁତ : ଡିକେ ଶିବକୁମାର

ନୂଆଦିଲ୍ଲୀ, ୦୧/୧୨ : ଆସନ୍ତା ୩ ତାରିଖରେ ୫ ରାଜ୍ୟର ବିଧାନସଭା ଫଳାଫଳ ସାମ୍ନାକୁ ଆସିବ । ଏହାପୂର୍ବରୁ ଆସିଥିବା ବୁଥ୍ ବାହୁଡା ମତ ସଭିଙ୍କୁ ଚକିତ କରିଛି । ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଉଭୟ ବିଜେପି ଓ କଂଗ୍ରେସ ମଧ୍ୟରେ କଡା ମୁକାବିଲା ଦେଖିବାକୁ ମିଳିବ ବୋଲି ବୁଥ ବାହୁଡା ମତରୁ ଆକଳନ କରୁଛନ୍ତି



ରାଜନୈତିକ ସମୀକ୍ଷକ । ଯଦି ବୁଥ୍ ବାହୁଡା ମତ ସତ ହୁଏ ତେବେ ରାଜସ୍ଥାନ, ଛତିଶଗଡ ଓ ମଧ୍ୟପ୍ରଦେଶରେ ସରକାର ଗଢିବାକୁ ସ୍ୱାଧୀନ ପ୍ରାର୍ଥୀ ଓ ଅନ୍ୟ ଦଳର ବିଜୟୀ ପ୍ରାର୍ଥୀଙ୍କ ଉପରେ ନିର୍ଭର କରିବେ ଉଭୟ ବିଜେପି ଓ କଂଗ୍ରେସ । ସେହିଭଳି ତେଲେଙ୍ଗାନାରେ କଂଗ୍ରେସ ସୁବିଧାଜନକ ସ୍ଥିତିରେ ଥିବା ନେଇ ବୁଥ୍ ବାହୁଡା ମତ ସଂକେତ ଦେଇଛି । ବୁଥ ବାହୁଡା ମତ ଆସିବା ପୂର୍ବରୁ ସରଗରମ ହୋଇଛି ରାଜନୀତି । ଖାସକରି କଂଗ୍ରେସ ବୁଥ ବାହୁଡା ମତକୁ ନେଇ ବେଶ ଉତ୍ସାହିତ ଥିବା ବେଳେ ରିସୋର୍ଟ ପଲିଟିକ୍ସ ଆରମ୍ଭ ହୋଇଛି । କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଡିକେ ଶିବକୁମାର କହିଛନ୍ତି, ଯଦି ଦଳର ▶▶ପୃଷ୍ଠା ୭

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ପି.ସି. ଏବଂ ପିଏନଡିଟି ଉପଦେଷ୍ଟା କମିଟି ବୈଠକ

ଭବାନୀପାଟଣା, ୦୧/୧୨ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପି ସି ଏବଂ ପି ଏନ୍ ଡି ଟି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଡ଼ିଏମଓ କଳାହାଣ୍ଡି ଡା. ସୁଚେତା ପାଣି ଜିଲ୍ଲାରେ ପୂର୍ବ ଗର୍ଭଧାରଣ ଓ ଜନ୍ମ ପୂର୍ବରୁ ଲିଙ୍ଗ ନିରୂପଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ନିଆଯାଇଥିବା ପଦକ୍ଷେପ ଓ ସ୍ୱୀକୃତି ଦେଇଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ୍ ଉପରେ ସବିଶେଷ ତଥ୍ୟ ଦେଇଥିଲେ। ଜିଲ୍ଲାରେ ସରକାରୀ ସ୍ତରରେ ୪ଟି ଭବାନୀପାଟଣା ଡାକ୍ତରଖାନା, ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା, କେସିଙ୍ଗା ଓ ଏମ. ରାମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଘରୋଇ କ୍ଷେତ୍ରରେ ଭବାନୀପାଟଣାରେ ୯ଟି , ଧର୍ମଗଡରେ ୫ଟି, କେସିଙ୍ଗାରେ ୨ଟି, ଜୁନାଗଡରେ ୩ଟି, ନର୍ଲାରେ ୧ଟି ଏବଂ ଲାଞ୍ଜିଗଡରେ ୧ଟି ଅଲଟ୍ରା ସାଉଣ୍ଡ ଡାକ୍ତର ସହ ଚାଲୁଅଛି। ଜିଲ୍ଲାପାଳ ଗୃହରେ ଶିଶୁ କନ୍ୟାର ହ୍ରାସ ଓ ଲିଙ୍ଗଗତ ଅସମାନତାକୁ ଦୂର କରିବାକୁ ହେଲେ ଭ୍ରୁଣ ହତ୍ୟା ଭଳି ଜଘନ୍ୟ ଅପରାଧ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ୍ ବିରୋଧରେ ପଦକ୍ଷେପ ନେବାକୁ ସିଡିଏମଓଙ୍କୁ କହିଥିଲେ। ଯେହେତୁ ଶିଶୁ କନ୍ୟାର ସଂଖ୍ୟା ହ୍ରାସର ଏକ ପ୍ରମୁଖ କାରଣ ମା ଗର୍ଭରେ ଥିବା ଭ୍ରୁଣକୁ ନଷ୍ଟ କରିବା ଏବଂ ଏଥିପାଇଁ ବେଆଇନ ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ୍ କୁ ଅଭିନବ ଉପାୟରେ, କୌଶଳରେ ଅଚାନକ ଚଢ଼ଉ ଏବଂ ଧରିବା ପାଇଁ ପଦକ୍ଷେପ ନେବାକୁ ଚଢ଼ଉ ଟିମ୍ ର ସଦସ୍ୟଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଥିପାଇଁ ସଚେତନତା ସୃଷ୍ଟି, ବେଆଇନ ଲିଙ୍ଗ ନିରୂପଣ ବିଷୟରେ ଖବର ଦେବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖିବାକୁ ସିଡିଏମଓ ଙ୍କୁ କହିଥିଲେ। ବୈଠକରେ ଏଡିଏମ ଓ (ଏମ ଏସ) ଡା. ରଞ୍ଜନ ମିତ୍ର, ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୟ କଣ୍ଡ, ଡିପିଏଚସିଓ ଭାରତୀ ବ୍ରହ୍ମା, ଡିଆଇପିଆରଓ ମନୋଜ ବେହେରାଙ୍କ ସମେତ ଦାପ୍ତା, ସେବା ଜଗତ, ଜନ ସାହାଯ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ବିଭାଗ, ସମସ୍ତ ୯ଟି ପଂଚାୟତ ସମିତି ଓ ତହସିଲ୍ ଅଫିସ୍‌ର କାର୍ଯ୍ୟକୁ ସମୀକ୍ଷା କରିଥିଲେ। ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପୀତାମ୍ବର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଜଣାଇଥିଲେ। ଆଜି ପର୍ଯ୍ୟନ୍ତ ସଂକ୍ଷିପ୍ତ ଭୋଟର୍ ତାଲିକା ସଂଶୋଧନରେ କେତେଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ସାବାଳକ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜିକରଣ କରି ଭୋଟର୍ ତାଲିକାରେ ନାମ ଦରଜ କରିଛନ୍ତି କିମ୍ବା ସଂଶୋଧନ କରିଛନ୍ତି ତା' ଉପରେ ସମୀକ୍ଷା କରିଥିଲେ। ସଂକ୍ଷିପ୍ତ ସଂଶୋଧନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଯେତିକି ବାଦ୍ ପଡ଼ିଛନ୍ତି ସେମାନଙ୍କୁ ବୁଥ୍ ସ୍ତରୀ ଅଙ୍ଗନୱାଡ଼ି କର୍ମୀ, ବିଏଲ୍ଓମାନେ ଘରକୁ ଘର ବୁଲି ସର୍ଭେ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ୨୦୨୦-୨୧ ଓ ୨୦୨୧-୨୨ ମସିହାରେ ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ସଂକ୍ଷିପ୍ତ ଭୋଟର୍ ତାଲିକା ସଂଶୋଧନରେ ନାମ ପଞ୍ଜିକରଣ କରିଛନ୍ତି କି ନାହିଁ ଜାଣିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ପରାମର୍ଶ କରି ରିପୋର୍ଟ ଦେବାକୁ ସେ କହିଥିଲେ। ଜିଲ୍ଲା ପରିଷଦ ଅଧୀନରେ ୨୦୧୯ ମସିହାଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଅଟକଳ ପ୍ରୋଜେକ୍ଟରୁ ୨୯୮ଟି ସମ୍ପୂର୍ଣ୍ଣ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ ଘର, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ୫-ଟି ହାଇସ୍କୁଲ ରୂପାନ୍ତରଣ, ଧାର୍ମିକ ସମ୍ପ୍ରଦାୟର ବିଭିନ୍ନ ଅନୁଷ୍ଠାନ, ଅଙ୍ଗନୱାଡ଼ି ଗୃହନିର୍ମାଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ଏମ୍‌ପି ଲ୍ୟାଡ୍ ଏବଂ ଏମ୍‌ଏଲ୍‌ଏ ଲ୍ୟାଡ୍ ବିଷୟରେ ସମୀକ୍ଷା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବାଣୀଶ୍ରୀ ବୃତି, ସୁମଙ୍ଗଳ ଯୋଜନାରେ ବିବାହ ପ୍ରୋତ୍ସାହନ ରାଶି, ବାର୍ଦ୍ଧକ୍ୟ ଭତାର କାର୍ଯ୍ୟ ସମୀକ୍ଷା କରିଥିଲେ। ୨୦୨୪ ମସିହା ଜାନୁଆରୀ ୫ ତାରିଖରୁ ଆରମ୍ଭ ହେବାକୁ ଥିବା ଧାନ ସଂଗ୍ରହ ଓ ପିଡିଏସ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀଙ୍କୁ ରାଜସ୍ୱ ଆୟୁକ୍ତ ପରାମର୍ଶ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ମିଶନ ଶକ୍ତି ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ଜନ ମଙ୍ଗଳକାରୀ କାର୍ଯ୍ୟକ୍ରମକୁ ସେ ସମୀକ୍ଷା କରିଥିଲେ। ବିଭାଗ ପକ୍ଷରୁ ଅନୁମୋଦିତ ୨୬୭ଟି ମିଶନ ଶକ୍ତି ଗୃହ ନିର୍ମାଣ ମଧ୍ୟରୁ ୨୩୭ଟି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ୧୧ଟି ମିଶନଶକ୍ତି-କାଫେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ବୋଲି ରାଜସ୍ୱ ଆୟୁକ୍ତଙ୍କୁ ସମୀକ୍ଷା ବୈଠକରେ ଅବଗତ କରାଯାଇଥିଲା। ତହସିଲ୍ ଅଫିସ୍‌ଗୁଡ଼ିକର କାର୍ଯ୍ୟକୁ ସମୀକ୍ଷା କରି ୨୦୨୩-୨୪ ମସିହା ଆର୍ଥିକ ବର୍ଷରେ ଅଧିକ ରାଜସ୍ୱ ଆଦାୟ ପାଇଁ ଗୁରୁତ୍ୱାରୋପ କରିବାକୁ ତହସିଲ୍‌ଦାରମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଓଏଲ୍‌ଆର୍ ୧୯(୧)-ସି କଂଟେଷ୍ଟେଡ୍ ଏବଂ ନନ୍ କଂଟେଷ୍ଟେଡ୍ ମ୍ୟୁଟେସନ୍ କେସ୍, ଲିଗାଲ୍ ହେୟାର, ପଡ଼ି ରହିଥିବା ବେବନ୍ଦୋବସ୍ତ ମାମଲାର ଫଇସଲା, ଗ୍ରାମ୍ୟର ପରିସୀମା ଚିହ୍ନଟିକରଣ, ମିସ୍‌ଲାନିଅସ୍ କେସ୍, ଲଘୁ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ ଓ ଏହାର ଚୋରା ଚାଲଣ ରୋକିବାକୁ ବଳିଷ୍ଠ ପଦକ୍ଷେପ ନେବାକୁ ସେ ତହସିଲ୍‌ଦାର୍ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ

ଧର୍ମଶାଳା, ୦୧/୧୨ (ନି.ପ୍ର): ପସଦର ଥାନା ଏରବାଙ୍କ ଗାଆଁରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାରଙ୍କ ମଧ୍ୟରେ ମାରଣାନ୍ତକ ଆକ୍ରମଣ । ଶାବଳ ଓ ଲୁହା ରଡ଼ ରେ ବାଡାଇଲେ ପଡୋଶୀ। ଉଭୟ ପରିବାର ର ୩ଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ବେଳେ ଉଭୟ ପରିବାରର ମୋଟ ୧୦ଜଣ ଯାଜପୁର ମେଡ଼ିକାଲରେ ଭର୍ତି ହୋଇ ଚିକିସ୍ତ ହେଉଛନ୍ତି । ସୂଚନା ମୁତାବକ ଏରବାଙ୍କ ଗ୍ରାମରେ ଜମିବାଡ଼ି ବିବାଦ କୁ କେନ୍ଦ୍ର କରି ଶୁଭେନ୍ଦୁ କୁମାର ସାମଲ ଓ ସଦାନନ୍ଦ ସାମଲଙ୍କ ପରିବାର ମଧ୍ୟରେ ସଂଘର୍ଷ ଘଟି ଶାବଳ, ଫାର୍ଷା, ଲୁହା ରଡ଼ ଆକ୍ରମଣ ରେ ଉଭୟ ପରିବାର ର ତିନି ଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଗୁରୁତର ଶୁଭେନ୍ଦୁ କୁମାର ସାମଲଙ୍କ ମୁଣ୍ଡ ରେ ଶକ୍ତ ଆଘାତ ଲାଗିଥିବା ବେଳେ ଓ ସଦାନନ୍ଦ ଙ୍କ ପରିବାର ର ରସାନନ୍ଦ ଓ ସାଗର ସାମଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ଉଭୟ ପରିବାରର ଶର୍ଙ୍କର୍ଷଣ ସାମଲ, ସଦାନନ୍ଦ ସାମଲ, ଇତିଶ୍ରୀ ସାମଲ, ରିତା ସାମଲ ଙ୍କ ସମେତ ମୋଟ ୧୦ ଜଣ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଏ ନେଇ ଯାଜପୁର ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି।

# ପାଣିକୋଇଲି ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ

କୋରେଇ, ୦୧/୧୨ (ନି.ପ୍ର): ଅବିଭକ୍ତ ପାଣିକୋଇଲି ପଂଚାୟତର ପାଣିକୋଇଲି ମହୋତ୍ସବ ୫ ଦିନ ବ୍ୟାପି ଆସନ୍ତା ଜାନୁଆରୀ ମାସ ୫ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ଦିନ ଉଦଯାପନ ହେବ । ଏଥି ଲାଗି ଏକ ପ୍ରାକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପାଣିକୋଇଲି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠାନର ସଦସ୍ୟ ତାରିଣୀ ପ୍ରସାଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଚଳିତ ବର୍ଷ ମହୋତ୍ସବକୁ ଆହୁରି ସରସ ସୁନ୍ଦର କରିବା ଲାଗି ବିଭିନ୍ନ ପଦକ୍ଷେପ ବିଷୟରେ ଆଲେଚନା ହୋଇଥିଲା। ଚଳିତ ବର୍ଷ ଉକ୍ତ ମହୋତ୍ସବରେ ରାଜ୍ୟ ସ୍ତରୀୟ ବିଭିନ୍ନ କଳା ସଂସ୍କୃତି ନାଟ୍ୟ ପରିଷଦକୁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆମନ୍ତ୍ରଣ କରାଯିବା ସହିତ ଜିଲ୍ଲା ସ୍ତରୀୟ ଓ ସ୍ଥାନୀୟ ପ୍ରତିଭା ମାନଙ୍କୁ ସୁଯୋଗ ଦିଆଯିବ ବୋଲି ମତ ପ୍ରକାଶ ପାିଥିଲା। ଉକ୍ତ ବୈଠକରେ ବରିଷ୍ଠ ସଦସ୍ୟ କଳ୍ପତରୁ ମହାପାତ୍ର. ସୂର୍ଯ୍ୟମଣି ପଣ୍ଡା, ବିପିନ ଧଳ, ଉଦ୍ୟୋକ୍ତା ରାକେଶ ସାହୁ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ବେହେରା, ରାଜ କିଶୋର ମଲ୍ଲିକ, ଜହର ଅଲ୍ଲୀ ଖାନ, ମୁସ୍ତାକ ଅଲ୍ଲୀ ଖାନ, ପ୍ରେମେଶ ମହାକୁଡ଼, ରବିନ୍ଦ୍ର ନାୟକ, ମାନସ ରାୟ, ସନ୍ତୋଷ ରାୟ, ପ୍ରଶାନ୍ତ ବିଶ୍ୱାଳ, ପଂକଜ ସାହୁ, ରୁଦ୍ର ବେହେରାଙ୍କ ସମେତ ବହୁ ଅନୁଷ୍ଠାନ ଓ ସଂସ୍କୃତି ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷାବିତ ଅବଦୁଲ ସଏଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସପ୍ତାହକ ପରେ ପ୍ଲାଟିନମ୍ ଜୁବୁଲି ମହୋତ୍ସବ: ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ବସିବ କେବେ ?

ଭୁବନ, ୦୧/୧୨ (ନି.ପ୍ର): ୧୯୪୮ ମସିହାରେ ସ୍ଥାପିତ ହୋଇଥିବା ଭୁବନ ଉଚ୍ଚ ବିଦ୍ୟାଳୟ ଆସନ୍ତା ୯ ଏବଂ ୧୦ ତାରିଖରେ ପ୍ଲାଟିନମ ଜୁବୁଲି ( ୭୫ ବର୍ଷ ) ପାଳନ କରିବ । ଦୁଃଖର କଥା ଯାହାଙ୍କ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏଯାଏଁ ସବୁଜ ସଙ୍କେତ ମିଳିପାରି ନାହିଁ । ସ୍ୱର୍ଗତ ଭାଗବତ ମିଶ୍ରଙ୍କ ନେତୃତ୍ୱରେ ଶ୍ରୀଧର ରାଉତ, ମାଗୁଣି ବେହେରା, ମାଗୁଣି ପୃଷ୍ଟି ପ୍ରମୁଖଙ୍କ ସହଯୋଗରେ ୧୯୪୮ ମସିହାରେ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଭାଗବତ ମିଶ୍ର ଓ ଶ୍ରୀଧର ରାଉତ ମୁଖ୍ୟ ଭୂମିକା ନେଇଥିଲେ । କିନ୍ତୁ, ଆଜି ଯାଏ ବିଦ୍ୟାଳୟ ପ୍ରାଣପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରି ନାହିଁ । ରୌପ୍ୟ ଜୟନ୍ତୀ ଓ ସ୍ୱର୍ଣ୍ଣ ଜୟନ୍ତୀ ସମୟରେ ମଧ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହୋଇଥିଲା । କିନ୍ତୁ, ପ୍ରଶାସନର ଉଦାସୀନତା ଓ ଅପାରଗତା ଯୋଗୁ ଆଜିଯାଏ ସମ୍ଭବ ହୋଇପାରିନାହିଁ । ପ୍ଲାଟିନମ ଜୁବୁଲିକୁ ଏକ ସୁଯୋଗ ମନେକରି ସ୍ୱର୍ଗତ ଭାଗବତ ମିଶ୍ରଙ୍କ ପରିବାର ତରଫରୁ ନିଜସ୍ୱ ଖର୍ଚ୍ଚରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଗତ ନଭେମ୍ବର ୭ ତାରିଖରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପତ୍ର ଦେଇଥିଲେ । ପ୍ରଧାନ ଶିକ୍ଷକ ଚିଠି ନଂ - ୩୦୧/ତା ୧୦.୧୧.୨୦୨୩ ରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ସହିତ ଅନୁମତି ମାଗିଥିଲେ । ଇତି ମଧ୍ୟରେ ଦୀର୍ଘ ୨୦ ଦିନ ବିତି ଯାଇଥିଲେ ମଧ ଜିଲ୍ଲା ଶିକ୍ଷାଧିକାରୀ କୌଣସି ପ୍ରତ୍ୟୁତ୍ତର କିମ୍ବା ଅନୁମତି ଦେଇ ନାହାନ୍ତି । ଏଥିପାଇଁ ପୁରାତନ ଛାତ୍ର ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷାଧିକାରୀ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଅନୁମତି ପ୍ରଦାନ କଲେ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇପାରିବ ବୋଲି କୁହାଯାଉଛି । ଏହା ସହିତ ପ୍ଲାଟିନମ ଜୁବୁଲି ମହୋତ୍ସବ ପୂର୍ବରୁ ୩ ବର୍ଷ ହେଲା ଫାଙ୍କା ପଡ଼ିଥିବା ଏନ୍ ସି ସି ଶିକ୍ଷକ ପଦବୀ ପୂରଣ, ସ୍କୁଲ ପଡିଆ ( ଷ୍ଟାଡିୟମ) ର ମାଲିକାନାସତ୍ୱ ପ୍ରଦାନ କରାଯିବାକୁ ଦାବି ହୋଇଛି ।

# ବିଷାକ୍ତ ଫଳ ଖାଇ ୧୧ ଶିଶୁ ଅସୁସ୍ଥ

ମାଲକାନଗିରି, ୦୧/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଝରାପାଲି ଗ୍ରାମପଂଚାୟତ ଅନ୍ତର୍ଗତ ତେ ଲିମେଟା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଜଙ୍ଗଲରୁ ବିଷାକ୍ତ ଫଳ ଖାଇ ୧୧ଜଣ ଶିଶୁ ଅସୁସ୍ଥ ହୋଇପଡିଛନ୍ତି । ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଗତକାଲି ଗ୍ରାମର ୭ ଜଣ ନାବାଳିକା ଓ ଚାରି ଜଣ ନାବାଳକ ବିଦ୍ୟାଳୟ ଛୁଟି ହେବା ପରେ ଖେଳୁଥିବା ସମୟରେ ମିଳି ମିଶି ଏହି ଫଳ ଖାଇଥିଲେ । କିଛି ସମୟ ପରେ ହଠାତ ଗୋଟିଏ ଛୁଆର ବାନ୍ତି, ଝାଡା ହେଇଥିଲା । ପରବର୍ତ୍ତୀ ସମୟରେ ପରିବାର ଲୋକେ ପଚରା ଉଚୁରା କରିବା ପରେ ଜାଣିଥିଲେ ଯେ ଗ୍ରାମର ଆଉ କିଛି ପିଲା ମଧ ଜଙ୍ଗଲୀ ଫଳ ଖାଇଛନ୍ତି । ତୁରନ୍ତ ସମସ୍ତ ପିଲାଙ୍କୁ ପରିବାର ଲୋକେ ପଦ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପିଲାମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଚିକିତ୍ସା ପରେ ଶିଶୁଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଛି ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୦୧/୧୨ (ନି.ପ୍ର): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତରଫରୁ ଓଡିଶା ସରକାରଙ୍କ ପ୍ରୋତ୍ସାହନ ରେ ନୂଆ ଓଡିଶା ସାମାଜିକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଥରେ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ଅଭିଯାନ ଉପଲକ୍ଷେ ଏକ ପରିକ୍ରମା ସହିତ ଜିଲ୍ଲା ରେଡକ୍ରସ ମୁକ ବଧିର ବିଦ୍ୟାଳୟ ପରିସର ଏବଂ ଭବାନୀପାଟଣା ରେଲୱେ ଷ୍ଟେସନ ପରିସରରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଂଜୟ କୁମାର ଶତପଥିଙ୍କ ନିର୍ଦ୍ଦେଶ କ୍ରମେ ଏକ ବିଶାଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡ. ମଧୁଲିକା ସାହୁ, ଡ. ଚିତରଞ୍ଜନ ଖୁଂଟିଆ, ଡ. ମନୋଜ ମେହେର, ତରଣୀସେନ ଦେହୁରୀ, ଡ. କୈଳାଶ ଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୀପକ ବେହେରା, ପ୍ରଦ୍ୟୁଷ ବଣୁଆ, ଲକ୍ଷ୍ମୀ ପ୍ରିୟା ଆଚାର୍ଯ୍ୟ, ସରୋଜ ନିଆଲ, ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରାଇବାରେ ମୁଖ୍ୟ ଭୂମିକା ନିଭାଇ ଥିଲେ। ଏହି କାର୍ଯ୍ୟକ୍ରମ କୁ ଯୁକ୍ତ ଦୁଇ ଏବଂ ବିଶ୍ୱବିଦ୍ୟାଳୟର ପ୍ରାୟ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଖପ୍ରାଖୋଲ ପୋଲିସ ଶିଶୁ ସହ ସାତ ଦାଦନ ଉଦ୍ଧାର କଲା

ବଲାଙ୍ଗିର, ୦୧/୧୨ (ନି.ପ୍ର): ଖପ୍ରାଖୋଲ ପୋଲିସ ଦ୍ୱାରା ବୁଧବାର ଦିନ ଗୋଟିଏ ଶିଶୁ ସହ ୭ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି । ଉଦ୍ଧାର ଶ୍ରମିକମାନେ ଭାନପୁର ପଂଚାୟତ ଅନ୍ତର୍ଗତ ଚାବରିପାଲି ଗାଁର ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ତିନୋଟି ବାଇକରେ କିଛି ଦାଦନ ଶ୍ରମିକ ଲାଠୋରକୁ ଯାଉଥିବା ବେଳେ ପୋଲିସ ଖବର ପାଇ ମହରାପଦର ଛକ ନିକଟରେ ଚଢାଉ କରି ଉଦ୍ଧାର କରିଥିଲେ । ଶ୍ରମିକଙ୍କୁ ଲାଠୋର ଥାନା ଅନ୍ତର୍ଗତ ଫୁଲଝର ଗ୍ରାମର ଦାଦନ ସର୍ଦାର ଭାସ୍କର ନାଏକ(୩୩)ଙ୍କ ତରଫରୁ ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲ ସିଟି ନିକଟସ୍ଥ ଜାମୁକୁଂଟାକୁ ଚାଲାଣ କରୁଥିବା ପୋଲିସ ପ୍ରକାଶ କରିଛି ।

# ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ମାଲକାନଗିରି, ୦୧/୧୨ (ନି.ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦର ତତ୍ୱାବଧାନରେ ଏବଂ ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ସ୍ଥାନୀୟ ଟାଉନ୍ ହଲ ପ୍ରାଙ୍ଗଣରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ୨୦୨୩ ର ପ୍ରଥମ ପର୍ଯ୍ୟାୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କୋରୁକୋଣ୍ଡ ବ୍ଲକ ଅନ୍ତର୍ଗତ ନିଲକାମ୍ବେରୁ, ନାକାମାମୁଡ଼ି, ଚିତାପାରି ଗ୍ରାମପଂଚାୟତ ଏବଂ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦରୁ ୩୭୪ ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଯୋଗଦାନ କରିଥିଲେ । ଏହି ଶିବିରରେ ଚକ୍ଷୁ ବିଭାଗର ଡ. ଅଶୋକ କୁମାର ଖମାରୀ, ଅସ୍ଥିଶଲ୍ୟ ବିଭାଗର ଡ. ସପନ କୁମାର, ମାନସିକ ଅନଗ୍ରସର ବିଭାଗର ଡ. ଏମ୍. ଏନ୍. ଏ ହୁସେନ, ମୁକ ଓ ବଧିର ବିଭାଗର ଡ. ଅରବିନ୍ଦ ଦାସ ଏବଂ ଔଷଧ ବିଶେଷଜ୍ଞ ଡ.ବାସନ୍ତୀ ହାଁସଦା ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଯାଂଚ କରିଥିଲେ ଏବଂ ଅସ୍ଥିଶଲ୍ୟ ବିଭାଗରୁ ୧୬୪ ଜଣ, ଚକ୍ଷୁ ବିଭାଗରୁ ୨୩ ଜଣ ମୁକ ଓ ବଧିର ବିଭାଗରୁ ୨୫ଜଣ, ମାନସିକ ଅନଗ୍ରସର ବିଭାଗରୁ ୧୧ଜଣ ଓ ସିକଲ ସେଲ୍ ରୁ ୩୯ଜଣ ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ଅନ୍ୟାନ୍ୟ ସାମାଜିକ ସହାୟତା ଯୋଜନା ତଥା ଭିନ୍ନକ୍ଷମ ଭତା ନିମନ୍ତେ ୯ ଗୋଟି ସହାୟକ ଉପକରଣ ନିମନ୍ତେ ୮ ଜଣ ଏବଂ ବସ ପାସ୍ ନିମନ୍ତେ ୪୧ ଜଣ ଆବେଦନ କରିଥିଲେ । ଉକ୍ତ ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନିର୍ମଳ ଧାରୁଆ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ରାଜୀବ ପୂଜାରୀ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଏହି ଶିବିରକୁ ଶ୍ରୀମତି ଏମ୍ ସ୍ୱରାଜ ଲକ୍ଷ୍ମୀ ଏବଂ ସୁକାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶଶାଙ୍କ ସୌମ୍ୟ ରଂଜନ, ଅମର ମାଡକାମି, ରାଜେଶ ଗୌଡ଼, ରାଜେଶ ଭୌମିକ୍, ଶଶି ଭୂଷଣ ମହାନ୍ତି, ସୁଧାଂଶୁ ପାଙ୍ଗି, ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ଏନ୍ ଏ ସି ର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

# ଶୁଣିଲାନି ଥାନା: ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଭିକାରୀ

କୋରେଇ, ୦୧/୧୨ (ନି.ପ୍ର): ଯାଜପୁର ଜିଲ୍ଲା ଦଶରଥ ଥାନା ଅନ୍ତର୍ଗତ ଡାହାଣୀ ହତା ଗ୍ରାମର ଭିକାରୀ ଜେନା ଥାନାରେ ଅଭିଯୋଗ ପରେ କୌଣସି ସୁଫଳ ନପାଇବାରୁ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶଯେ ଡାହାଣୀ ହତା ଗ୍ରାମର ଭିକାରୀ ଜେନାଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର ବୁଲେଇ ଜେନା ପ୍ରଥମେ ଭିକାରୀଙ୍କ ଜାଗାରେ ବାଡ ବସାଇଥିଲେ । ଏହି ବିବାଦ କୋର୍ଟକୁ ଯାଇ ୧୪୪ ଧାରା ଲାଗୁ କରାଯାଇଥିଲା । ମାତ୍ର ବୁଲେଇ ଏହାକୁ ଭ୍ରୁକ୍ଷେପ ନକରି ସେଠାରେ ଘର ନିର୍ମାଣ ପାଇଁ ଗାତ ଖୋଳିଥିଲା । ଏନେଇ ଭିକାରୀ ଦଶରଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଫଳରେ ବାଧ୍ୟହୋଇ ଏନେଇ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# ଟ୍ରକକୁ ଧକ୍କା ଦେଇ କାର କ୍ଷତିଗ୍ରସ୍ତ: ଯାତ୍ରୀ ସୁରକ୍ଷିତ

କୋରେଇ, ୦୧/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ବଜାରର ଅନତୀ ଦୂରରେ ଯାଜପୁରରୋଡ ପଟୁ ଆସୁଥିବା ଏକ ଟ୍ରକ ସହ କାର ଧକ୍କା ହୋଇଛି । ପ୍ରକାଶଯେ ବୁଧବାର ରାତ୍ରୀରେ ଯାଜପୁରରୋଡ ପଟୁ ଏକ ଲୁହାପଥର ବୋଝେଇ ଟ୍ରକ (ଓଡି୦୪ଆର-୦୨୪୩) ଆସୁଥବା ବେଳେ ପଛରୁ ଆସୁଥିବା ଏକ କାର (ଓଡି୦୨ବିଏକ୍ସ ୨୭୨୬) ହଠାତ୍ ଟ୍ରକ ଆଗରେ ଡାହାଣକୁ କାଟି ଦେବାରୁ ଟ୍ରକ ସହ କାର ଧକ୍କା ହୋଇଥିଲା ।

# ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସମ୍ମାନ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ

ମାଲକାନଗିରି, ୦୧/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସମ୍ମାନ ତରଫରୁ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ଇଞ୍ଜିନିଅର ଜ୍ଞାନରଞ୍ଜନ ଦାଶ, ସରକାରୀ ପଲିଟେକ୍ନିକ ମୁଖ୍ୟ ଯୋଗଦାନ କରି ସେମିନାର ର ତାତ୍ପର୍ଯ୍ୟ ଉପରେ ବୁଝାଇଥିଲେ ।ମୁଖ୍ୟବକ୍ତା ଭାବେ ସୁରେଶ କୁମାର ସୋମାନୀ, ବଣିକ ସଂଘର ସଭାପତି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ସୂରଜ ହାଲଦାର, ଏସ.ବି.ଆଇ ଶାଖା ପରିଚାଳକ ଯୋଗ ଦେଇଥିଲେ ।ସରୋଜ ହାଲଦାର ପୋର୍ଟପୋଲିଓ ମେନେଜମେଣ୍ଟ ଆଣ୍ଡ ଇନଭେଷ୍ଟମେଣ୍ଟ ଡିସିସନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ମତ ପୋଷଣ କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହିତ ରିପୋର୍ଟର ଭାବେ ଏହି ସେମିନାରକୁ ପରିଚାଳନା କରିଥିଲେ । ସେମିନାର ଆରମ୍ଭରେ ମା ଲକ୍ଷ୍ମୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ଅଧାପିକା ଆରତୀ ଲୁଗୁନ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏଥିରେ ସାତ ଜଣ ଛାତ୍ର ଛାତ୍ରୀ ଲକ୍ଷ୍ମୀ ହନ୍ତାଳ, ଅମିତା ଶିଶା, ତୁଳା ପୁଜାରୀ, ସୁପ୍ରିୟା ପାଣିଗ୍ରାହୀ, କେ. କନ୍ୟା କୁମାରୀ, କନିକା ରାୟ ସନ୍ଦର୍ଭ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକଶହରୁ ଉର୍ଦ୍ଧ୍ୱ ଯୁକ୍ତ ୩ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ।ଏହାପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢି ଉତ୍ତମ ଛାତ୍ର ଛାତ୍ରୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଉପହାର ସ୍ୱରୂପ କଲମ ଦିଆଯାଇଛି । ପରବର୍ତ୍ତୀ ସମୟରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଦିପ୍ତୀରେଖା ମିଶ୍ର, ସ୍ନିଗ୍ଧା ସର୍ଦ୍ଦାରଙ୍କ ସହିତ ରାମ ପାଙ୍ଗି, ଜଗନ ଦାଶ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିଲେ ।ସଭା ଶେଷରେ ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ମାଲକାନଗିରି ଜିଲ୍ଲାରେ ବାଣିଜ୍ୟ ବିଭାଗରେ ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଥର ସେମିନାର ଅନୁଷ୍ଠିତ ହୋଇଥିବାରୁ ଚାରିଆଡେ ଆନନ୍ଦ ଖେଳିଯାଇଛି ।

# ବଡଚଣା ବିଜେପି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ଧର୍ମଶାଳା, ୦୧/୧୨ (ନି.ପ୍ର): ରାଜ୍ୟରେ ଚାଲିଥିବା ଦୁର୍ନୀତି ଭଷ୍ଟାଚାରକୁ ବିରୋଧ ଓ ଯାଜପୁର ଜିଲା ବଡଚଣା ବ୍ଲକରେ ହେଉଥିବା ବିଭିନ୍ନ ଅନିୟମିତତା ବିରୋଧରେ ୮ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛି ବିଜେପି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ପ୍ରତ୍ୟେକ ପଂଚାୟତକୁ ଆସୁଥିବା ଅନୁଦାନକୁ ସଠିକ ଭାବେ ବ୍ୟବହାର ନ କରିବା, ପଲ୍ଲୀ ସଭାକୁ ବାଦ ଦେଇ ସରପଂଚ ମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା, କେନ୍ଦ୍ରୀୟ ବାର୍ଦ୍ଧକ୍ୟ ଓ ବିଧବା ଭତା ବନ୍ଦ କରିବା ଓ ବିକଳାଙ୍ଗ ହିତାଧିକାରୀଙ୍କୁ ଦିଆଯାଉଥିବା ଭତାକୁ ସଠିକ୍ ତାରିଖରେ ଦିଆଯାଉ ନଥିବା ଆଦି ଦାବି ନେଇ ବ୍ଲକ ଘେରାଉ କରିଛି । ଯାଜପୁର ଜିଲା ବଡଚଣା ବିଜେପି ନେତା ଅମର ନାୟକଙ୍କ ନେତୃତ୍ୱରେ ମାଝି ଗୌରୀ ଠାକୁରାଣୀଙ୍କ ପୀଠରୁ ହଜାର ହଜାର ଦଳୀୟ କର୍ମୀ ଏକ ବିରାଟ ଶୋଭଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଂହଚି ଥିଲେ । ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ସଭାପତିତ୍ୱରେ ଜିଲା ବିଜେପି ସଭାପତି ଗୌତମ ରାୟ, ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ସମ୍ପାଦିକା ଦେବଜାନୀ ପ୍ରଧାନ ଓ ବଡଚଣା ନେତା ଅମର ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ।


# ନିଯୁକ୍ତିଭିତ୍ତିକ ବିକାଶ ତାଲିମ୍ ପାଇଁ ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

କେନ୍ଦ୍ରାପଡ଼ା, ୦୧/୧୨ (ନି.ପ୍ର): ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ନିଯୁକ୍ତି ଭିତିକ ବିକାଶ ପରାମର୍ଶ ତାଲିମ ଶିବିର ଅନୁଷ୍ଠିତ ହେବ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଚୁକ୍ତି କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଏବଂ କେନ୍ଦ୍ରାପଡ଼ାର ବୈଷୟିକ ଶିକ୍ଷାନୁଷ୍ଠାନ ମାନେ ଏହି ଶିବିରରେ ଅଂଶଗ୍ରହଣ କରିବେ। ଜିଲ୍ଲାର ୫ମ ଶ୍ରେଣୀରୁ ସ୍ନାତକ ଓ ଆଇଟିଆଇ ପାସ୍ କରିଥିବା ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିପାରିବେ। ୧୮ରୁ ୩୫ ବର୍ଷ ବୟସ୍କ ଇଚ୍ଛୁକ ପ୍ରାର୍ଥି ଓ ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ଗୋଟିଏ ରଙ୍ଗୀନ ପାସ୍‌ପୋଟ ସାଇଜ୍ ଫଟୋ ପଞ୍ଜିକରଣ ପାଇଁ ଆଣିବାକୁ ହେବ। କେନ୍ଦ୍ରାପଡ଼ା ବ୍ଲକ୍ ପାଇଁ ଡିସେମ୍ବର ୫ ତାରିଖ, ଡେରାବିଶ ବ୍ଲକ୍ ପାଇଁ ଡିସେମ୍ବର ୬ ତାରିଖ, ପଟ୍ଟାମୁଣ୍ଡାଇ ବ୍ଲକ୍ ପାଇଁ ଡିସେମ୍ବର ୭ ତାରିଖ, ରାଜନଗର ବ୍ଲକ୍ ପାଇଁ ଡିସେମ୍ବର ୮ ତାରିଖ, ଆଳି ବ୍ଲକ୍ ପାଇଁ ଡିସେମ୍ବର ୧୨ ତାରିଖ, ରାଜକନିକା ବ୍ଲକ୍ ପାଇଁ ଡିସେମ୍ବର ୧୩ ତାରିଖ, ମାର୍ଶାଘାଇ, ବ୍ଲକ୍ ପାଇଁ ଡିସେମ୍ବର ୧୪ ତାରିଖ, ମହାକାଳପଡ଼ା ବ୍ଲକ୍ ପାଇଁ ଡିସେମ୍ବର ୧୫ ତାରିଖ, ଗରଦପୁର ବ୍ଲକ୍ ପାଇଁ ଡିସେମ୍ବର ୧୬ ତାରିଖ ଚୂଡ଼ାନ୍ତ ହୋଇଛି।

# ବ୍ରହ୍ମପୁର କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଚମ୍ପୁଆ, ୦୧/୧୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଅଷ୍ଟବିଂଶତି ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଗତ ୨୯ ତାରିଖରେ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଉଦଘାଟନି ଉତ୍ସବରେ ମୂଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଶୀନାଥ ମହାନ୍ତ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବାବେଳେ ଆଜି ଅନୁଷ୍ଠିତ ଉଦଯାପନି କାର୍ଯ୍ୟକ୍ରମରେ କରଞ୍ଜିଆ ଆୟୁର୍ବେଦିକ ଚିକିତ୍ସାଧିକାରୀ ଡକ୍ଟର ବିଶ୍ୱଜିତ ମହାନ୍ତ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ଦିବାକର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ହରିହର ଚୌଧୁରୀ ଯୋଗ ଦେଇଥିଲେ। ବର୍ତ୍ତମାନ ସମୟ ରେ ବିଦ୍ୟା ଅଧ୍ୟୟନ ସହିତ ବିଦ୍ୟାର୍ଥୀ ମାନେ ଖେଳକୁଦ ପ୍ରତି ଗୁରୁତ୍ୱ ଦେବାକୁ ମୂଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜଣେ ବିଦ୍ୟାର୍ଥୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହେବା ନେଇ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜୟ କୁମାର ଗିରି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ବିଦ୍ୟାଳୟର ଶାରିରୀକ ପ୍ରମୁଖ ଦୁର୍ଗାଦାସ ମହାନ୍ତ ଏହି ପ୍ରତିଯୋଗିତାକୁ ପରିଚାଳନା କରି ଥିବାବେଳେ ବିଦ୍ୟାଳୟ ର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ସବୁଠୁ କ୍ଷୁଦ୍ର ତାରକା



ବୈଜ୍ଞାନିକମାନେ ଆମ ଗାଲାକ୍ସିରେ ସବୁଠୁ କ୍ଷୁଦ୍ର ତାରକାକୁ ଖୋଜି ପାଇଛନ୍ତି। ଇବିଏଲଏମ ଜେ-୦୫୫୫-୫୭ ଏବି ନାମକ ଏହି ତାରକାଟି ଆକାରରେ ଶନିଗ୍ରହ ଠାରୁ ସାମାନ୍ୟ ବଡ଼।। ପୃଥିବୀ ଠାରୁ ୬୦୦ ଆଲୋକ ବର୍ଷ ଦୂରରେ ଏହା ରହିଛି। ଦକ୍ଷିଣ ଗୋଲାର୍ଦ୍ଧରେ ଏହାକୁ ବଡ଼ ଟେଲିସ୍କୋପ ମାଧ୍ୟମରେ ଦେଖି ହେବ। ଏତେ ଛୋଟ ତାରକା ବି ଥାଇପାରେ ବୋଲି ଏହି ଆବିଷ୍କାର ପରେ ଜଣାପଡ଼ିଛି ବୋଲି ଏହା ଉପରେ ଅଧ୍ୟୟନ କରୁଥିବା ଦଳର ମୁଖ୍ୟ ଆଲେକ୍ସଜାଣ୍ଡାର ଭନ୍ ବୋଏଟିଚର ପ୍ରକାଶ କରିଛନ୍ତି। ସେ ବ୍ରିଟେନରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଛାତ୍ର। ବୋଏଟିଚର କହିଛନ୍ତି ଏହି ତାରାଟି ସେଦତିକି ମାତ୍ର ବସ୍ତୁତ୍ୱ ବିଶିଷ୍ଟ ଯଦ୍ୱାରା ହାଇଡ୍ରୋଜେନ ଫ୍ୟୁଜନ ପ୍ରକ୍ରି ସମ୍ଭବ ହୋଇପାରିବ। ଏହାମଧ୍ୟ ଖୁବ ଶୀତଳ ତାରକା। ଏହି ଆବିଷ୍କାର ସମ୍ପର୍କିତ ରିପୋର୍ଟଟି 'ଆଷ୍ଟ୍ରୋନମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ' ପତ୍ରିକାରେ ପ୍ରକାଶ ପାଇଛି।

# ଘାତକ ଓଲିଏଣ୍ଡର ଫୁଲ



ଅନେକ ବର୍ଷ ତଳେ ରାଜାରାଜୁଡ଼ା ଶାସନ ସମୟରେ ରାଜା, ମହାରାଜାଙ୍କୁ ହତ୍ୟା କରିବା ନିମନ୍ତେ ଏକ ବିଶେଷ ଫୁଲର ଉପଯୋଗ କରାଯାଉଥିଲା। ନେରିୟମ ଓଲିଏଣ୍ଡରନାମ୍ନୀ ଏହି ଫୁଲ କେବଳ ମରକ୍କୋସା ଓ ପର୍ତ୍ତୁଗାଲରେ ହିଁ ଭଲ ଭାବରେ ଉତ୍ପାଦିତ ହୁଏ। ଅନେକ ବର୍ଷ ତଳେ ସେଠାଲୋକଙ୍କ ପ୍ରମୁଖ ବ୍ୟବସାୟ ଥିଲା ଓଲିଏଣ୍ଡର ଫୁଲର ବିକ୍ରି। ଏହି ଫୁଉଟି ନୀରବ ଘାତକ ନାମରେ ଜଣାଯାଉଥିଲା। ବେଶ୍ ସୁନ୍ଦର ପ୍ରକୃତି ଦତ୍ତ ରୂପ ପାଇଥିବା ଓଲିଏଣ୍ଡର ଫୁଲର ବାସ୍ନାକୁ କିଛି ମାସ ଧରି ଘ୍ରାଣ କଲେ ତାହା ଶରୀରକୁ ନିସ୍ତେଜ କରେ। ବିଶେଷଜ୍ଞଙ୍କ କହିବାନୁସାରେ ଏହି ଗଛର ଡାଳକୁ ଜାଳିବା ମଧ୍ୟ ଶରୀର ପାଇଁ କ୍ଷତିକାରକ। ପୂର୍ବେ ହତତ୍ୟା କାମରେ ଏହି ଫୁଲକୁ ବ୍ୟବହାର କରାଯାଉଥିଲା। ରାଜା, ମହାରାଜାଙ୍କ ତକିଆ ସୁବାସିତ ହେବା ନିମନ୍ତେ ଓଲିଏଣ୍ଡର ଫୁଲକୁ ସେମାନଙ୍କ ତକିଆରେ ଭର୍ତି କରାଯାଉଥିଲା। ନିୟମିତ ଭାବରେ ଶୋଇବାବେଳେ ଏହି ବାସ୍ନାକୁ ଘ୍ୟାଣ କରି ଶେରେ ସେମାନେ ପ୍ରାଣ ହରାଉଥିଲେ। ଏହି ସତ୍ୟତା କିନ୍ତୁ ଅନେକ ବର୍ଷପରେ ହିଁ ବିଶେଷଜ୍ଞଙ୍କ ପରୀକ୍ଷାରୁ ଜଣାପଡ଼ିଥିଲା।

# ପୂର୍ବଜନ୍ମ ସମ୍ପର୍କିତ ତଥ୍ୟ

ପୂର୍ବଜନ୍ମରେ ମନୁଷ୍ୟ ହେଉ କିମ୍ବା ପଶୁପକ୍ଷୀ, କିଏ କ'ଣ ଥିଲେ, ତାହା ଆମେ କେହି ଜାଣିନାହୁଁ। ବିଶ୍ୱର ପ୍ରମୁଖ ରାଷ୍ଟ୍ରର ବିଶେଷଜ୍ଞଗଣ ଏହା ଉପରେ ପରୀକ୍ଷାନିରୀକ୍ଷା କରି ବିଭିନ୍ନ ତଥ୍ୟ ପ୍ରକାଶ କରିଛନ୍ତି। ସାନଫ୍ରାନସିସକୋର ବିଶେଷଜ୍ଞ ଦଳ କିହଛନ୍ତି, ୪୫ବର୍ଷ ଗବେଷଣା କିବା ପରେ ସେମାନେ ଏଡି ତଥ୍ୟ ପାଇଛନ୍ତି। ପୂର୍ବଜନ୍ମର କଥାକୁ ମନେରଖିବା ଏକରକମର ଅସମ୍ଭବ ଅଟେ। କାରଣ ମା' ଗର୍ଭରେ ଶିଶୁ ବିକଶିତ ହେଉଥିବା ବେଳେ ଆସିଟାସିନ ନାମକ ତତ୍ୱ ରହିଥାଏ। ପ୍ରସବ ସମୟରେ ଏହା ଶରୀରରୁ ବାହାରିଯାଏ। ଏହି ତତ୍ତ୍ୱରେ ପୂର୍ବଜନ୍ମ ସମ୍ପର୍କିତ ତଥ୍ୟ ଜଡ଼ିତ ହୋଇ ରହିଥାଏ। ସେହି କାରଣରୁ କେହି ପୂର୍ବଜନ୍ମର ଘଟଣାକୁ ମନେ ପକାଇପାରନ୍ତି ନାହିଁ। ବିଶ୍ୱର ଖୁବ କମ ଲୋକେ ନିଜ ପୂର୍ବଜନ୍ମର କାହାଣିକୁ ବଖାଣି ପାରନ୍ତି। ସେମାନଙ୍କ ଶରୀରରେ ଜନ୍ମ ସମୟରେ ଏହି ଆସିଟାସିନ ତତ୍ୱ ରହିଯାଇଥାଏ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

# କୋଟିପତି ଦୋସା ବ୍ୟବସାୟୀ



ଅନ୍ୟକୁ ଅନୁକରଣ କଲେ ସଫଳତା ମିଳିନଥାଏ, ବରଂ କଠିନ ପରିଶ୍ରମ ବଳରେ ହିଁ ଶୀର୍ଷରେ ପହଂଚିହେବ। ଏହି କଥାକୁ ବେଶ୍ ଦୃଢ଼ତାର ସହ କିହଛନ୍ତି ମୁମ୍ବାଇ ନିବାସୀ ଦୋସା ବ୍ୟବସାୟୀ ପ୍ରେମ ଗଣପତି। ୪୩ବର୍ଷୀୟ ପ୍ରେମ ତାମିଲନାଡୁର ଥୋଟୁକୁଡ଼ି ଜିଲାନିବାସୀ। ଭାରତରେ ଜଣେ ନାମକରା ବ୍ୟବସାୟୀ ଭାବେ ଜଣାଯାଉଥିବା ପ୍ରେମଙ୍କ ଜୀବନଜୀବିକାର ସଂଘର୍ଷମୟ ଅଧ୍ୟାୟ ୨ବର୍ଷ ତଳେ ଆରମ୍ଭ ହୋଇଥିଲା। ଏକ ନିମ୍ନ ମଧ୍ୟବିତ୍ତ ପରିବାରର ବଡ଼ ପୁଅ ଥିଲେ ପ୍ରେମ। ଘର ଚଳାଇବାର ଦାୟିତ୍ୱ ତାଙ୍କୁ ୧୭ ବର୍ଷ ହୋଇଥିବାବେଳେ ପଡ଼ିଥିଲା। ରୋଜଗାର ଆଶାରେ ଘରୁ ଗୋଡ଼କାଢ଼ି ମୁମ୍ବାଇ ଆସିଲେ। ଏକ ବ୍ୟାକେରୀ ଦୋକାନରେ ବାସନମଜା କାମ କଲେ। କିଛି ମାସ ଅନ୍ତରାଳରେ ଟଙ୍କା ସଂଚୟ କରି ପ୍ରେମ ଠେଲାଗାଡ଼ି କରି ସେଥିଷର ଦୋସା ଓ ଅନ୍ୟାନ୍ୟ ଦକ୍ଷିଣଭାରତୀୟ ଜଳଖିଆ ପ୍ରସ୍ତୁତ କରି ବିକ୍ରି କଲେ। ତାଙ୍କ ସୁଆଦିଆ ଦୋସା ଖାଇବା ପାଇଁ ଦୂରଦୂରାନ୍ତରୁ ଲୋକେଆସିଲେ। କ୍ରମେ ପ୍ରେମଙ୍କ ଦୋସାର ଲୋକପ୍ରିୟତା ବଢ଼ିବାକୁ ଲାଗିଲା। ଆଜି ଭାରତରେ ତାଙ୍କର ୪୫ଟି ରେସ୍ତୋରାଁ ଥିବାବେଳେ ବିଦେଶୀ ରାଷ୍ଟ୍ର ନ୍ୟୁଜିଲାଣ୍ଡ, ଦୁବାଇ, ଓମାନରେ ତାଙ୍କ ରେସ୍ତୋରାଁ ଦୋସା ପ୍ଲାଜା ରହିଛି। ଏକ ସାକ୍ଷାତକାରରେ ପ୍ରେମ କହିଛନ୍ତି, ସଫଳ ହେବା ପାଇଁ ସହଜ ପନ୍ଥା ଖୋଜିବା ସବୁଠୁ ବଡ଼ ମୂର୍ଖାମି। ୨୦ବର୍ଷ ତଳେ ଯେତେବେଳେ ମୁମ୍ବାଇ ଗଳିକନ୍ଦିରେ ସେ ଦୋସା ଠେଲା ଲଗାଉଥିଲେ, ସେ ସମୟରେ ଖରା, ବର୍ଷା, ଶୀତରେ ନିଜ ବ୍ୟବସାୟକୁ ହିଁସେ ସବୁଠୁ ଅଧିକ ପ୍ରାଧାନ୍ୟ ଦେଇଥିଲେ। ବୋଧହୁଏ, ସେହି କଠିନ ପରିଶ୍ରମର ଫଳସ୍ୱରୂପ ଆଜି ସେ ପ୍ରତିଷ୍ଠିତ ହୋଇପାରିଥିବାର ପ୍ରେମ କହିଛନ୍ତି।

# ମନ୍ଦିରମାନଙ୍କରେ ଅଲକ୍ଷ୍ମୀ ବି ପାଆନ୍ତି ପୂଜା : ଜାଣନ୍ତୁ କାରଣ କ'ଣ



ଅଂଶୁମଦଭେଦାଗମ, ପୂର୍ବକାରଣାଗମ, ଲିଙ୍ଗପୁରାଣ, ବିଷ୍ଣୁଧର୍ମୋତ୍ତର ପୁରାଣ ଆଦି ଗ୍ରନ୍ଥମାନଙ୍କର ବର୍ଣ୍ଣନା ଅନୁସାରେ, ସମୁଦ୍ର ମନ୍ଥନ କାଳରେ କାଳକୂଟ ବିଷର ନିର୍ଗମନ ପରେ କ୍ଷୀରସାଗର ମଧ୍ୟରୁ ଏକ କୃଷ୍ଣବର୍ଣ୍ଣା, ଦ୍ୱିଭୁଜା, ଦୀର୍ଘ ନାସିକାଯୁକ୍ତା, ହସ୍ତୀମୁଖୀ, ସ୍ଖଳିତ ପୃଥୁଳସ୍ତନା, ପୃଥୁଳଜଂଘା, ସ୍ଫୀତଉଦରା, ଲୋଳିତଓଷ୍ଠା, ଲୋହିତ ବସ୍ତ୍ର ପରିହିତା ଏକ ବିକଟଦର୍ଶନା ନାରୀଙ୍କର ଆବିର୍ଭାବ ହୋଇଥିଲା। ସାଗରକନ୍ୟା ଲକ୍ଷ୍ମୀଙ୍କ ପୂର୍ବରୁ ଜାତ ହୋଇଥିବାରୁ ତାହାଙ୍କୁ ଏହି ଗ୍ରନ୍ଥମାନଙ୍କରେ ଜ୍ୟେଷ୍ଠାଦେବୀ, ଦରିଦ୍ରାଦେବୀ, ଅଗ୍ନିମାତା, ଅଲକ୍ଷ୍ମୀ, କପିଳପତ୍ନୀ, ରକ୍ତଜ୍ୟୋଷ୍ଠା ଆଦି ନାମରେ ନାମିତ କରାଯାଇଛି। ସେ ଏକାଧାରରେ ଦାରିଦ୍ର, ଦୁଃଖ, କଳହ ଓ ପାପାଚାରର ଅଧୀଶ୍ୱରୀ ହୋଇଥିବାରୁ, ଦେବ, ଦାନବ, ଦୈତ୍ୟ କି ନାଗ କେହି ତାଙ୍କୁ ଗ୍ରହଣ କଲେ ନାହିଁ। ଦୈବ ନିର୍ଦ୍ଦେଶରେ ଦୁଃସହ ନାମକ ଜଣେ ତପସ୍ୱୀ ତାଙ୍କୁ ବିବାହ କରି ତାଙ୍କ ଆଶ୍ରମକୁ ନେଇଗଲେ। କିନ୍ତୁ ତପସ୍ୱୀଙ୍କର ଆଶ୍ରମ ଜ୍ୟେଷ୍ଠାଙ୍କୁ ଦୁର୍ବିଷହ ମନେହେଲା। ତାଙ୍କର କଷ୍ଟ ଦେଖି ଦୁଃସହ ଏହାର ନିରାକରଣ ପାଇଁ ମାର୍କଣ୍ଡେୟଙ୍କର ପରାମର୍ଶ ଲୋଡ଼ିଲେ।

ମାର୍କଣ୍ଡେୟ କହିଲେ, ଜ୍ୟେଷ୍ଠା ସେହି ସ୍ଥାନରେ ଆନନ୍ଦରେ ରହିବେ- ଯେଉଁଠି ସ୍ୱାମୀ-ସ୍ତ୍ରୀ ଅହରହ କଳହ କରୁଥିବେ; ପରିବାର ପରିଜନମାନେ ଯେଉଁଠି ସର୍ବଦା ଈର୍ଷା, ଦ୍ୱେଷ, କର୍କଶ ଭାଷଣ, ପାପାଚାରରେ ବୁଡ଼ି ରହିଥିବେ; ଘରଦ୍ୱାର ଅପରିଷ୍କାର ରହୁଥିବ; ହୋମ ଯଜ୍ଞ ଆଦି ପବିତ୍ର ଅନୁଷ୍ଠାନ ହେଉ ନଥିବ; ମିଥ୍ୟାଚାରରେ ଲିପ୍ତ ପଣ୍ଡିତ ରହିଥିବେ; ଶିଶୁମାନେ ଅବହେଳିତ ହେଉଥିବେ। ତୁମେ ତାଙ୍କୁ ସେପରି ସ୍ଥାନରେ ରଖ। ଋଷି ଦୁଃସହ ଜ୍ୟେଷ୍ଠାଙ୍କୁ ସେହିପରି ଘରେ ଆଶ୍ରୟ ନେବାପାଇଁ କହି ତପସ୍ୟା କରିବାକୁ ପାତାଳଲୋକକୁ ଚାଲିଗଲେ।


ସାଧାରଣତଃ ଗୃହସ୍ଥମାନେ ଅଲକ୍ଷ୍ମୀ ବା ଜ୍ୟେଷ୍ଠାଙ୍କ ଆଗମନର ପ୍ରତିରୋଧ କରିବାପାଇଁ ଗୃହଦ୍ୱାରରେ ଆମ୍ବପତ୍ର, ପୂର୍ଣ୍ଣକଳସ, କଦଳୀଗଛ, ଗେଣ୍ଡୁଫୁଲ ଟାଙ୍ଗି, ଗୋବର ଲେପନ କରିଥାନ୍ତି। ବିଶ୍ୱାସ ଅଛି, ଏହାଦ୍ୱାରା ଅଲକ୍ଷ୍ମୀ ଦୂରୀଭୂତ ହୋଇଯାଆନ୍ତି ଏବଂ ଲକ୍ଷ୍ମୀ ପ୍ରବେଶ କରନ୍ତି। ମାତ୍ର ଏସବୁ ସତ୍ତ୍ୱେ, ଗୃହ ମଧ୍ୟରେ ଯଦି କଳହ, ବିବାଦ, ଷଡ଼ଯନ୍ତ୍ର, ଅଶାନ୍ତି ଆଦି ରହେ, ତା'ହେଲେ ଏହି ଜ୍ୟେଷ୍ଠାଦେବୀ ଅନାୟାସରେ ପ୍ରବେଶ କରିଥାନ୍ତି। ତାଙ୍କୁ ଆବାହନ କରିବାପାଇଁ ବେଦମନ୍ତ୍ରର ଆବଶ୍ୟକତା ପଡ଼େ ନାହିଁ। କଳହ, କର୍କଶବଚନ, ମିଥ୍ୟାଭାଷଣ, ଛଳନା ହିଁ ତାଙ୍କର ପୂଜାମନ୍ତ୍ର। ମନ୍ଦିରମାନଙ୍କର କୌଣସି ଏକ କୋଣରେ ଏହି ଦେବୀଙ୍କର ମୂର୍ତ୍ତି ଦେଖାଯାଏ। ଏକ ହସ୍ତରେ ନୀଳ ବା ଶ୍ୱେତ ପଦ୍ମ, ଅଳଂକାର ବିମଣ୍ଡିତ ଶରୀର, ହାତ ଭରାଦେଇ ସିଂହାସନ ଉପରେ ଉପବେଶନରତ, ଧ୍ୱଜାରେ ଏକ କାକପକ୍ଷୀ, ପାଦତଳେ ଏକ ଗଧ ତଥା ଦୁଇ ପାଖରେ ଏକ ବୃଷଭମୁଖ ପୁରୁଷ ଓ ସୁନ୍ଦରୀ ନାରୀ ଦଣ୍ଡାୟମାନ। ପାଖରେ କିଛି ହିଂସ୍ର ଜନ୍ତୁ ମଧ ଦେଖାଯାଆନ୍ତି। ଆଲୋକ ଓ ଅନ୍ଧାରର ଅସ୍ତିତ୍ୱ ପରି, ଶୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ସେ ରହିଥାନ୍ତି। ଅଶୁଦ୍ଧ, ମିଥ୍ୟାବାଦୀଙ୍କର ଅନୁସରଣ କରି ସେ ତାଙ୍କୁ ଅଶାନ୍ତି ଓ ଦୁଃଖ ଦେଇଥାନ୍ତି। ପ୍ରକାରାନ୍ତରେ ଆଜିର ଭୌତିକତାବାଦୀ ମଣିଷ ନିଜ ଅଜାଣତରେ ପ୍ରତ୍ୟହ ଏହି ଦେବୀଙ୍କର ଆରାଧନା ହିଁ କରୁଛନ୍ତି।

# ଲିଭର୍ କ୍ୟାନସର ରୋକିବ ଓମେଗା-୩




ଖାଦ୍ୟରେ ପ୍ରଚୁର ପରିମାଣରେ ଓମେଗା-୩ ଫ୍ୟାଟି ଏସିଡ୍ (ଚର୍ବି)ର ଉପକାରୀ ଗୁଣ ଏବେ ଜଣାପଡ଼ିଛି। ଓମେଗା-୩ ଫ୍ୟାଟି ମୋଟା ଲୋକଙ୍କୁ ଗୁରୁତର ଲିଭର ରୋଗରୁ ରକ୍ଷା କରିଥାଏ। ଆମେରିକା ଓରିଗାନ ୟୁନିଭର୍ସିଟିର ଗବେଷକମାନଙ୍କ ଅନୁଯାୟୀ, ଓମେଗା-୩ ଫ୍ୟାଟି ଏସିଡ଼ର ପ୍ରମୁଖ ପ୍ରକାର ଡିଏଚଏ ଲିଭର କ୍ୟାନସର ଓ ସିରୋସିସ ରୋଗୀଙ୍କ ଠାରେ ଏନଏଏସଏଚର ପ୍ରସାର ରୋକିବାରେ ସକ୍ଷମ ହୋଇଥାଏ। ଏନଏଏସଏଚର ପ୍ରସାରକୁ ଲିଭର କ୍ୟାନ୍ସର ଆଶଙ୍କାର ସଙ୍କେତ ଭାବେ ଗ୍ରହଣ କରାଯାଇଛି। ଏପର୍ଯ୍ୟନ୍ତ ଏହି ଚିକିତ୍ସାର କୌଣସି ପ୍ରମାଣିକ ଔଷଧ ନଥିଲା। ପ୍ରଫେସର ଡୋନାଲ୍ଡ ଜମ୍ପଙ୍କ ଅନୁଯାୟୀ ଲିଭରର ସୁରକ୍ଷାରେ ଡିଏଚଏ ସହାୟକ ହୋଇଥାଏ। ଏହା ଏନଏଏସଏଚକୁ ସମ୍ପୂର୍ଣ୍ଣ ରୂପେ ଶେଷ କରେନାହିଁ, କିନ୍ତୁ ଏହାକୁ ଅଧିକ ଘାତକ ହେବାରୁରକ୍ଷା କରେ।

# ଫ୍ରାନ୍ସର ରହସ୍ୟମୟ ଘର




ଭୂତ-ପ୍ରେତ ତଥା ଅଶରୀରଙ୍କ କାର୍ଯ୍ୟକଳାପକୁ ବିଜ୍ଞାନ ଯଦିଓ ବିଶ୍ୱାସ କରୁନାହିଁ, କିନ୍ତୁ କେତୋଟି ଘଟଣା ଏସବୁର ଉପସ୍ଥିତିକୁ ପ୍ରମାଣ କରୁଛି। ନିକଟରେ ଫ୍ରାନ୍ସ ଗଣମାଧ୍ୟମରେ ଏହିଭଳି ଏକ ଖବର ଖୁବ ଚର୍ଚ୍ଚିତ ହେଉଛି। ଜନୈକ ଚିତ୍ରୋତୋଳନକାରୀ ହିଁ ଏହି ରହସ୍ୟ ଉନ୍ମୋଚନ କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ଫ୍ରାନ୍ସର ନଡ଼-ପସ-ଡେ-କଲେସ ଅଂଚଳରେ ଥିବା ଏକ ଘର ଗତ ୨୦ବର୍ଷ ହେଲାଣି ଖାଲି ପଡ଼ିଛି। ଆଶ୍ଚର୍ଯ୍ୟକର ଘଟଣା ହେଉଛି, ଘରଟି ବାହାରୁ ଖୁବ ପୁରୁଣା ଦେଖାଯାଉଥିବାବେଳେ ଏହାର ଆଭ୍ୟନ୍ତର ଏକ ନୂଆ ଘର ପରି ରହିଛି। ଘରର ପ୍ରତ୍ୟେକ ଆସବାବପତ୍ର ପରିଷ୍କାର ରହିଥିବାସହ କୌଣସି ସରୀସୃପଙ୍କ ବିଚରଣ ମଧ୍ୟ ଏଠାରେ ନାହିଁ। ଏହି ଘରର ପଡ଼ିଶା ଘର ଏହାଠାରୁ ୪୦୦ ମିଟର ଦୂରରେ। ପଡ଼ିଶାଘର ଲୋକଙ୍କ କହିବାନୁସାରେ ଯଦିଓ କୌଣସି ଅଜବ ଅନୁଭୂତି ଏହି ଘରକୁ ନେଇ ସେମାନଙ୍କର ନାହିଁ, ତେବେ ସେମାନେ ମଧ୍ୟ ଆଶ୍ଚର୍ଯ୍ୟ ହୁଅନ୍ତି ଘରଟି ଏତେ ପରିଷ୍କାର କିପରି ରହିଛି। ୨୦ ବର୍ଷତଳେ ଏକ ନବବିବାହିତ ଦମ୍ପତି ଏହି ଘରେ କିଛି ମାସ ରହିଥିଲେ। ପରେ ଦୁହେଁ ପ୍ୟାରିସ ସ୍ଥାନାନ୍ତର ହୋଇଥିଲେ। ସେବେଠାରୁ ଏହି ଘର ୨୦ବର୍ଷ ହେଲାଣି ଖାଲି ପଡ଼ିଛି। ତେବେ ଘର ପରିଷ୍କାର ପରିଚ୍ଛନ୍ନ ରହିବା ପଛରେ ରହସ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ।

# ମହାକାଶ ଯାତ୍ରା ପୂର୍ବରୁ ପ୍ରସ୍ତୁତି



ବିଶ୍ୱର ପ୍ରମୁଖ ରାଷ୍ଟ୍ରର ମହାକାଶବିଜ୍ଞାନ ସଂସ୍ଥାଗୁଡ଼ିକ ମହାକାଶଯାତ୍ରା ପୂର୍ବରୁ ବିଶେଷ ପଦକ୍ଷେପମାନ ନେଇଥାନ୍ତି। ତେବେ ମହାକାଶଯାତ୍ରା ପୂର୍ବରୁ ଅନେକ ନିୟମମାନ ବୈଜ୍ଞାନିକମାନେ ପାଳନ କରିଥାନ୍ତି। ଏ ସମ୍ପର୍କିତ ତଥ୍ୟମାନ ଏକ ପତ୍ରିକାରେ ପ୍ରକାଶିତ ହୋଇଛି।

- ଆମେରିକାର ନାସା ମହାକାଶ ସଂସ୍ଥାର ପ୍ରତ୍ୟେକ ମହାକାଶଚାରୀ ଯାତ୍ରା ପୂର୍ବଦିନ ଦ୍ୱିପ୍ରହର ଭୋଜନରେ ଅଣ୍ଡା ଓ ମାଂସର ଏକ ଭୋଜନ ଖାଇଥାନ୍ତି। ମହାକାଶଚାରୀ ଆଲାନ ସେପାର୍ଡଭ୍ସ ସ୍ମୃତିରେ ଏହା କରାଯାଇଥାଏ ବୋଲି ପ୍ରକାଶ।
- ରୁଷଏିଆରେ ମହାକାଶଚାରୀ ଯାତ୍ରା ପୂର୍ବରୁ ୟୁରି ଗାଗାରିନ ଅତିଥି ପୁସ୍ତକରେ ଦସ୍ତଖତ କରିଥାନ୍ତି।



- ନାସା ମହାକାଶଚାରୀ ରକେଟ ଯାତ୍ରା ଆରମ୍ଭ ହେବାର କିଛିକ୍ଷଣ ପୂର୍ବରୁ ପୃଥିବୀପୃଷ୍ଠରେ ତାସ୍ ଖେଳନ୍ତି। ଏହା ସେମାନଙ୍କ ମାନସିକ ଚାପରୁ କମ କରେ।
- ରୁଷିଆରେ ମହାକାଶଚାରୀ ଯାତ୍ରାର କିଛି ସମୟ ପୂର୍ବରୁ ପାଦ୍ରୀଙ୍କ ଆଶୀର୍ବାଦ ନେବା ଅନ୍ୟତମ ପ୍ରମୁଖ ନିୟମ।
- ବାଦାମ ଭର୍ତି ଡବା ପ୍ରତ୍ୟେକ ରକେଟରେ ରହିବା ନିଶ୍ଚିତ। ଏହା ଶୁଭଙ୍କର ବୋଲି ନାସା ବୈଜ୍ଞାନିକଙ୍କ ମତ।
- ନାସାରେ ଯେଉଁ ମହାକାଶ ମିଶନ୍ ସଫଳ ହୁଏ, ସେହି ଦଳର ମୁଖ୍ୟ ଅଧିକାରୀଙ୍କ ଟାଇ ଖୁସିରେ ଅଧାରୁ କଟାଯାଇଥାଏ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୨ ଡିସେମ୍ବର ୨୦୨୩, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାଗଣା ଖିଆର ଭବିଷ୍ୟତ..

ଚଳିତ ବର୍ଷର ଶେଷ ବିଧାନସଭା ନିର୍ବାଚନ ଭାବରେ ପାଞ୍ଚ ଗୋଟି ରାଜ୍ୟ- ତେଲେଙ୍ଗାନା, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଏବଂ ମିଜୋରାମରେ ଅନୁଷ୍ଠିତ ହେଉଛି ନିର୍ବାଚନ। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଏସବୁର ଫଳାଫଳ ଉପରେ କେବଳ ରାଜନୀତିକ ଦଳମାନେ ଗୁରୁତ୍ୱ ଦେଉ ନାହାନ୍ତି, ବରଂ ରାଜନୀତି ସମୀକ୍ଷକମାନଙ୍କ ସମେତ ନିର୍ବାଚନ ସହିତ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ପାଇଁ ଏସବୁ ରାଜ୍ୟର ଫଳାଫଳ ଯଥେଷ୍ଟ ମହତ୍ତ୍ୱ ରଖିଛି । ଗତ କାଲି ତେଲେଙ୍ଗାନାରେ ଅନୁଷ୍ଠିତ ହୋଇ ଯାଇଛି ମତଦାନ। ଉପରୋକ୍ତ ପାଞ୍ଚ ଗୋଟିଯାକ ରାଜ୍ୟଙ୍କ ମଧ୍ୟରୁ ତେଲେଙ୍ଗାନା ହେଉଛି ସର୍ବାଧିକ ଧନୀ ରାଜ୍ୟ । ଏଠାରେ ବର୍ତ୍ତମାନ ଏଇ ନିର୍ବାଚନର ଫଳାଫଳ ଯଥେଷ୍ଟ ଅଧିକ ତାତ୍ପର୍ଯ୍ୟ ବହନ କରୁଛି ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ପାଇଁ, ଯାହା ୨୦୧୪ରେ ଏହି ରାଜ୍ୟ ଆନ୍ଧ୍ରପ୍ରଦେଶର ବିଭାଜନ ପରେ ନବଗଠିତ ହେବା ପରଠାରୁ ଶାସନ କ୍ଷମତାରେ ଅଛି। ଗତ ଦୁଇଟିଯାକ ନିର୍ବାଚନରେ ବିଆରଏସ୍ ତେଲେଙ୍ଗାନାରେ ବିପୁଳ ବିଜୟ ହାସଲ କରିଥିବା ବେଳେ ଚଳିତ ଥର ଏହାକୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଛି ପୁନରୁତ୍‌ଥାନ ଲାଭ କରିଥିବା କଂଗ୍ରେସର। କଂଗ୍ରେସ ମୁଖ୍ୟ ଆୟୁଧ କରିଛି ରାଜ୍ୟର ସରକାର-ବିରୋଧୀ ହାୱାକୁ। ଅନ୍ୟତମ ପ୍ରମୁଖ ଦଳ ବିଜେପି ୨୦୧୯ ନିର୍ବାଚନରେ ପ୍ରମୁଖ ବିରୋଧୀ ଦଳ ଭାବରେ ଉଭା ହୋଇଥିବା ମନେ ହୋଇଥିଲେ ସୁଦ୍ଧା ଏଥର ତୃତୀୟ ସ୍ଥାନକୁ ଖସି ଆସିବା ମନେ ହେଉଛି, ଯଦିଓ ଏହା ନିର୍ବାଚନୀ ପ୍ରଚାର କାର୍ଯ୍ୟର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଭଳି ଷ୍ଟାର୍ ପ୍ରଚାରକମାନଙ୍କୁ ନେଇ ବେଶ୍ କେତେକ ଭ୍ୟାଲି ଇତ୍ୟାଦି କରିଛି। ତେବେ ପ୍ରଚାର ଶେଷରେ ଯାହା ସମ୍ମୁଖକୁ ଆସିଛି, ତାହା ହେଉଛି ଅବାକ୍ ହୋଇଯିବା ଭଳି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରତିଶ୍ରୁତି ଯାହା ସବୁ ଦଳ ଭୋଟରମାନଙ୍କୁ ପ୍ରଦାନ କରିଛନ୍ତି। ହାଇଦ୍ରାବାଦରେ ଅର୍ଥନୀତିକ ଅଭିବୃଦ୍ଧିର ତରଙ୍ଗ ସୃଷ୍ଟି କରିଥିବା ବିଆରଏସ୍ ତେଲେଙ୍ଗାନାରେ ଏକ ଜନକଲ୍ୟାଣକାରୀ ଯୋଜନାର ସାମ୍ରାଜ୍ୟ ନିର୍ମାଣ କରିଥିଲା। କିନ୍ତୁ କଂଗ୍ରେସ ଏହାର ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ଜରିଆରେ ଏହାଠାରୁ ଆହୁରି ବଡ଼ ବଡ଼ ପ୍ରତିଶ୍ରୁତିମାନ ପ୍ରଦାନ କରି ଏହି କଲ୍ୟାଣକାରୀ ଯୋଜନାର ଜାଲକୁ ସମ୍ପ୍ରସାରିତ କରିବାକୁ ଆଗେଇ ଆସିଛି । ବିଜେପି ଏଭଳି ପ୍ରତିଯୋଗିତାରେ ଏକ ନୂଆ ମୋଡ଼ ଦେବାକୁ ଯାଇ କଲ୍ୟାଣକାରୀ ଯୋଜନାଗୁଡ଼ିକ ସହିତ ଅନ୍ୟାନ୍ୟ ପଛୁଆ ଶ୍ରେଣୀଗୁଡ଼ିକ ମଧ୍ୟରୁ ଜଣକୁ ମୁଖ୍ୟମନ୍ତ୍ରୀ କରିବାର ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରିଛି । ତେଣୁ ଜନକଲ୍ୟାଣକାରୀ ଯୋଜନା ଏବଂ ଜାତିଆଣ ରାଜନୀତି ଭୋଟରମାନଙ୍କ ପାଇଁ ତେଲେଙ୍ଗାନା ପ୍ରଚାର ଅଭିଯାନର ପ୍ରମୁଖ ଗୁଞ୍ଜରଣ ସୃଷ୍ଟିକାରୀ ପ୍ରସଙ୍ଗମାନ ହୋଇଛି। ସଙ୍ଗେ ସଙ୍ଗେ ରହିଛି ଏଠାକାର ଉଲ୍ଲେଖନୀୟ ସଂଖ୍ୟକ ମୁସଲମାନ ଭୋଟ୍ ଏବଂ ଦଳିତ ସମ୍ପ୍ରଦାୟଙ୍କ ମଧ୍ୟରେ ବିଭାଜନର କଥା, ଯାହାର ଫାଇଦା ବିଜେପି ଉଠାଇବାକୁ ଚାହିଁଛି ସମାଜର ତଳ ସ୍ତରରେ ଥିବା ଲୋକମାନଙ୍କ ପାଇଁ ଉପ-କୋଟା ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ପ୍ରଦାନ କରି, ଯେଉଁମାନଙ୍କ ଭିତରୁ ସଂଖ୍ୟା ଦୃଷ୍ଟିରୁ ମାଡିଗାମାନେ ଅଧିକ । କହିବା ବାହୁଲ୍ୟ, ଏହା ମତଦାନ ଶୈଳୀକୁ ଅବଶ୍ୟ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରିବ। ତେଲେଙ୍ଗାନାର ଫଳାଫଳ କଂଗ୍ରେସ ଉପରେ ଏକ ବଡ଼ ଧରଣର ପ୍ରଭାବ ସୃଷ୍ଟି କରିବାର ସମ୍ଭାବନା ବହନ କରୁଛି । ଏକ ଆଞ୍ଚଳିକ ଶତ୍ରୁ ପକ୍ଷ ଦ୍ୱାରା ପରାଜିତ ହୋଇଥିବା କଂଗ୍ରେସ ଚଳିତ ଥର ଫଳାଫଳକୁ ବିପରୀତ କରିପାରେ ବୋଲି ମନେ କରୁଛନ୍ତି ରାଜନୀତି ସମୀକ୍ଷକମାନେ। ଏହା ମଧ୍ୟ ସଂଖ୍ୟାଲଘୁମାନଙ୍କ ଭୋଟ୍ ପାଇବା ପାଇଁ ବିଆରଏସ୍ ଏବଂ ଏହାର ମିତ୍ର ଦଳ ଏଆଇଏମ୍ଆଇଏମ୍ ସହିତ ଦୌଡ଼ରେ ରହିଛି । ତେବେ ଏସବୁ ବାଦ୍ ରହିଛି ନିର୍ବାଚନରେ ଅର୍ଥବଳର ପ୍ରୟୋଗ, ଅର୍ଥାତ୍ ଭୋଟରମାନଙ୍କୁ ନୋଟ୍ ଦେଇ ଭୋଟ୍ କିଣିବା। ନିଃସନ୍ଦେହରେ ନିର୍ବାଚନ କମିଶନ ଏହି କାର୍ଯ୍ୟକୁ ରୋକିବା ନିମନ୍ତେ ବ୍ୟୟ ନିରୀକ୍ଷଣକାରୀ ବ୍ୟବସ୍ଥାର ପ୍ରଚଳନ କରିଛନ୍ତି । କିନ୍ତୁ ଏହା ଅଧିକତଃ ସୀମିତ ପ୍ରାର୍ଥୀମାନେ ପୋଷ୍ଟର ଛପାଇବା, ଯାନବାହନରେ ଯିବା ଆସିବା କରିବା ଏବଂ ସଭା ସମିତି ଇତ୍ୟାଦିରେ କରୁଥିବା ଖର୍ଚ୍ଚଗୁଡ଼ିକ ମଧ୍ୟରେ । ଏତଦ୍ ବ୍ୟତୀତ ରାଜ୍ୟ ଏବଂ କେନ୍ଦ୍ର ଏଜେନ୍ସିମାନଙ୍କ ମଧ୍ୟରେ ସଂଯୋଜନା ରକ୍ଷା କରି କମିଶନ ଅର୍ଥର ଚଳପ୍ରଚଳ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖୁଛନ୍ତି ଏବଂ ଭୋଟରମାନଙ୍କୁ ଡିଜିଟାଲ ଦେୟ ପ୍ରଦାନ କରିବାକୁ ରୋକିବା ନିମନ୍ତେ ଭାରତୀୟ ଜାତୀୟ ଦେୟ ଆୟୋଗ ମଧ୍ୟ କାର୍ଯ୍ୟ କରୁଛନ୍ତି, ଯଦିଓ ଏହାର ପ୍ରଭାବ କେତେ ପଡୁଛି, ତାହା ଦେଖିବାକୁ ବାକି ରହିଛି। ପରନ୍ତୁ, ଏସବୁ ପଦକ୍ଷେପ ସତ୍ତ୍ୱେ ନିର୍ବାଚନ ସମୟରେ ନଗଦ ଅର୍ଥର ପ୍ରବାହକୁ ରୋକିବା ଅସମ୍ଭବ କାର୍ଯ୍ୟ ହୋଇଥିବା ମନେହୁଏ। ଗତ ସପ୍ତାହରେ କମିଶନ ସୂଚନା ପ୍ରଦାନ କରିଥିଲେ ଯେ ପାଞ୍ଚ ଗୋଟିଯାକ ରାଜ୍ୟରୁ ଏହା ୧,୭୬୦ କୋଟି ଟଙ୍କା ଜବତ କରିଥିଲେ । କୁହାଯାଉଛି ଏହା ୨୦୧୮ରେ ସମାନ ରାଜ୍ୟଗୁଡ଼ିକରୁ ଜବତ ହୋଇଥିବା ପରିମାଣରୁ ସାତଗୁଣ ଅଧିକ । କେବଳ ତେଲେଙ୍ଗାନାରୁ ହିଁ ଚଳିତ ଥର ଜବତ ହୋଇଛି ୬୫୯ କୋଟି ଟଙ୍କା । ଚଳିତ ଥର ଏହି ରାଜ୍ୟରେ କେତେକ ଅଞ୍ଚଳରେ ଭୋଟର ପିଛା ବିଆରଏସ୍ ୧୦ ହଜାର ଟଙ୍କା ଖର୍ଚ୍ଚ କରିପାରେ ବୋଲି କହିଛନ୍ତି ରାଜ୍ୟ କଂଗ୍ରେସ ମୁଖ୍ୟ ରେବାନାଥ ରେଡ୍ଡୀ, ଯେତେବେଳେ କି ବିଆରଏସ୍ ମଧ୍ୟ ସମାନ ଅଭିଯୋଗ ଆଣିଛି ବିରୋଧୀ ଦଳମାନଙ୍କ ବିରୋଧରେ । ତେବେ ଏସବୁର ପ୍ରମାଣ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର। ମୋଟାମୋଟି ଏତିକି କୁହାଯାଇପାରେ ଯେ ଭୋଟ୍ ପାଇଁ ନୋଟ୍ ବ୍ୟବସ୍ଥାକୁ ଦୂର କରିବା ଆପାତତଃ ବର୍ତ୍ତମାନ ପାଇଁ କ୍ୱଚିତ୍ ସମ୍ଭବପର ହୋଇ ପାରିଛି । ଏଥିପାଇଁ ପ୍ରାର୍ଥୀମାନେ ଭୋଟରମାନଙ୍କୁ ଦୋଷ ଦେଉଥିବା ବେଳେ ଭୋଟରମାନେ ମଧ୍ୟ ପ୍ରାର୍ଥୀମାନଙ୍କ ଉପରେ ଦୋଷ ଲଦୁଛନ୍ତି । ଆଶା କରାଯାଉ, ଆଗାମୀ ସମୟରେ ରାଜନୀତିକ ଦଳମାନେ ନିର୍ବାଚନ କମିଶନଙ୍କ ନୀତି ନିୟମ ମାନି ଚଳିବେ ।



# ଜାତିଭିତ୍ତିକ ଜନଗଣନା ରାହୁଲଙ୍କ ସଂକଳ୍ପ

## ଅଧ୍ୟାପକ ଗୋପବନ୍ଧୁ

ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ୧୯୩୧ ମସିହାରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା। ବହୁବର୍ଷ ପରେ ପୁଣି ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଛି। କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଜାତିଭିତ୍ତିକ ରିପୋର୍ଟକୁ ସାର୍ବଜନୀନ କରାଗଲା ନାହିଁ। ପୁଣି ୨୦୨୧ ମସିହାରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବୀ ହେଲା। ୨୦୧୯ ମସିହା ନିର୍ବାଚନରେ ମଧ୍ୟ ଏ ବିଷୟକୁ ଏକ ଇସ୍ୟୁଭାବେ ଉତଥାପନ କରାଯାଇଥିଲା। କେତେକ ରାଜନୈତିକ ଦଳ ଜାତିଭିତ୍ତିକ ଜନଗଣନାକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ଜାତିଭିତ୍ତିକ ଜନଗଣନା କରିବ ନାହିଁ ବୋଲି ସ୍ପଷ୍ଟ ମନାକରି ଦେଇଛନ୍ତି। ରାଜ୍ୟମାନେ ଚାହିଁଲେ ଜାତିଭିତ୍ତିକ ଜନଗଣନା କରିପାରିବେ ବୋଲି ବ୍ୟବସ୍ଥା ହୋଇଛି। ତଦନୁଯାୟୀ ବିହାର ସରକାର ଜାତିଭିତ୍ତିକ ଜନଗଣନା କରି ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତି ନିର୍ଣ୍ଣୟ କରିଛନ୍ତି। ନିକଟରେ ବର୍ଦ୍ଧିତ ସଂରକ୍ଷଣ ବିଲକୁ ବିଧାନସଭାରେ ପାରିତ ମଧ୍ୟ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରିକରି ସାରିଲେଣି। ଏହା ଦେଖି ବିଭିନ୍ନ ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବୀ ହେଉଛି। ଓଡ଼ିଶାରେ ମଧ୍ୟ ଅନୁରୂପ ଦାବୀ ହେଉଛି।

ଜାତିଭିତ୍ତିକ ଜନଗଣନା କରିବା ପଛରେ ଯୁକ୍ତି ହେଉଛି ଯେ ଏହା ପ୍ରତ୍ୟେକ ଜାତିର ସଂଖ୍ୟା ଓ ସ୍ଥିତିକୁ ସ୍ପଷ୍ଟ କରିବ। ଫଳରେ ଯେଉଁ ଜାତିଗୁଡିକ ତଳେ ପଡ଼ିଛନ୍ତି ସେମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇ ପାରିବ। ଜାତିବ୍ୟବସ୍ଥା ଭାରତୀୟ ସମାଜର ନିଚ୍ଛକ ସତ୍ୟତା। ଜାତି ଏବେବି ବଞ୍ଚିଛି। ଜାତିକୁ ନେଇ ଅସମାନତା ମଧ୍ୟ ରହିଛି। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଏକ ସମତାଭିତ୍ତିକ ଓ ଭେଦଭାବ ରହିତ ସମାଜ ଗଠିତ ହେବା ଜରୁରୀ। ଏଥିପାଇଁ ଅନଗ୍ରସର ଜାତିସମୂହର କ୍ଷିପ୍ର ବିକାଶ ସହିତ ପ୍ରତ୍ୟେକ ବିଭାଗରେ ସହଭାଗୀତାର ଆବଶ୍ୟକତା ରହିଛି। ତେଣୁ ଏମାନଙ୍କ ବିକାଶ ଓ ସହଭାଗୀତା ପାଇଁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା ରହିଛି। ଏହା ସମ୍ଭବ ହେବ ଯଦି ଏମାନଙ୍କ ସଂଖ୍ୟା ଏବଂ ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ସଠିକ ଆକଳନ କରାଯାଇ ପାରିବ। ଏଥିପାଇଁ ପାଇଁ ଲୋଡ଼ା ଜାତିଭିତ୍ତିକ ଜନଗଣନା। ତେଣୁ ଏହା ଏକ ପ୍ରଗତିଶୀଳ ଓ ସମାଜକୁ ଆଗେଇ ନେବାର ପଦକ୍ଷେପ। ଏହା ଭୁଲ ଧାରଣା ଯେ ଜାତିଭିତ୍ତିକ ଜନଗଣନା ଜାତିବାଦକୁ ବଢାଇବ। ବରଂ ସମସ୍ତ ଜାତିର ସମାନ ବିକାଶ ଓ ସମାନ ଭାଗିଦାରୀରେ ଜାତିବାଦ କମିବ। ଏହା ଜାତିଗତ ବିଭେଦ ଓ ବୈରୀତାକୁ ସମାପ୍ତ କରିବ। ଯେଉଁମାନେ ଜାତିବାଦର ସମର୍ଥକ ଓ ଅସମାନତାରେ ବିଶ୍ୱାସ କରନ୍ତି ସେମାନେ ଏହାକୁ ବିରୋଧ କରିବା ସ୍ୱଭାବିକ।

ସାମ୍ପ୍ରତିକ ଅବସ୍ଥାରେ ଜାତିଭିତ୍ତିକ ଜନଗଣନା ଏକ ପ୍ରମୁଖ ରାଜନୈତିକ ଇସ୍ୟୁ ଭାବେ ଉଭା ହୋଇଛି। ଏହା ଏବେ ଇଣ୍ଡିଆ ଗୋଠବନ୍ଧନର ଏକ ମୁଖ୍ୟ ଇସ୍ୟୁ। ପୂର୍ବରୁ ଜେଡିଇଉ, ଆରଜେଡି, ସମାଜବାଦୀ ପାର୍ଟି ପରି ଦଳମାନେ ଏ ବିଷୟ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। କିନ୍ତୁ ଏବେ ଏହା ଇଣ୍ଡିଆ ଗୋଠବନ୍ଧନର ସର୍ବମାନ୍ୟ ଇସ୍ୟୁଭାବେ ଗ୍ରହଣୀୟ ହେବାପରି ମନେହେଉଛି। ଏହାର କାରଣ ହେଉଛି ଏହି ଗୋଠବନ୍ଧନର ମୁଖ୍ୟ ଘଟକ ଦଳ ଭାରତୀୟ ଜାତୀୟ କଂଗ୍ରେସ ଏହି ବିଷୟ ଉପରେ ଅଧିକ ପ୍ରାଧାନ୍ୟ ଦେଉଛି। ଏହା ସତ୍ୟ ଯେ ପୂର୍ବରୁ କଂଗ୍ରେସ ଏହା ଉପରେ ଗୁରୁତ୍ୱ ଦେଇଆସିଛି। ଏଇଥିପାଇଁ ତ କଂଗ୍ରେସ ନେତୃତ୍ୱାଧୀନ ଇଉପିଏ ସରକାର ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା କରିଥିଲା। ଏବେ କଂଗ୍ରେସ ଜାତିଭିତ୍ତିକ ଜନଗଣନା ଉପରେ ଅଧିକ ଗୁରୁତ୍ୱ ଦେବାର କାରଣ ହେଉଛି ଏହାର ସର୍ବୋଚ୍ଚ ନେତା ଶ୍ରୀ ରାହୁଲ ଗାନ୍ଧୀ ଏହାକୁ ଏକ ମୁଖ୍ୟ ରାଜନୈତିକ ମୁଦ୍ଦାଭାବେ ଉପସ୍ଥାପନ କରୁଛନ୍ତି। ଫଳରେ ଅନ୍ୟ ସମସ୍ତେ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜି ସମସ୍ତ କଂଗ୍ରେସ କର୍ମୀ ଏହାକୁ ସମର୍ଥନ କରିବାର ଦେଖାଯାଉଛି। ଓଡିଶା ପ୍ରଦେଶ କଂଗ୍ରେସ ମଧ୍ୟ ଜାତିଭିତ୍ତିକ ଜନଗଣନା ପାଇଁ ଦାବୀ କରିଛି।

ଇଣ୍ଡିଆ ଗୋଠବନ୍ଧନ ନିର୍ବାଚନ ଜିଣି କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରିବ ବୋଲି ଏହାର ନେତାମାନେ କହୁଛନ୍ତି। ଶ୍ରୀ ରାହୁଲ ଗାନ୍ଧୀ ଏହାର ସପକ୍ଷରେ ଘୋଷଣା କରିସାରିଛନ୍ତି। ମଧ୍ୟ ପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲେଙ୍ଗାନାରେ କଂଗ୍ରେସ କ୍ଷମତାସୀନ ହେଲେ ସେଠାରେ ଜାତିଭିତ୍ତିକ ଜନଗଣନା ହେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ କର୍ଣ୍ଣାଟକ ନିର୍ବାଚନରେ ସେ ସାମାଜିକ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। ସଂଖ୍ୟାନୁପାତିକ ଭାଗିଦାରୀ ଉପରେ ଗୁରୁତ୍ୱ ଦେଇଥିଲେ। ସେଠାରେ ସେ ତାଙ୍କ ବକ୍ତବ୍ୟରେ ଓବିସିମାନଙ୍କ ସମସ୍ୟାକୁ ଅଧିକ ଫୋକସ୍ କରିଥିଲେ। ତାଙ୍କ ବକ୍ତବ୍ୟରେ ବାରମ୍ବାର ସେ କହିଥିଲେ ଓ ଏବେ ମଧ୍ୟ କହୁଛନ୍ତି ଯେ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' ବୋଲି। ୨୦୧୧ ମସିହା ଜାତିଭିତ୍ତିକ ଜନଗଣନାର ରିପୋର୍ଟ ପ୍ରକାଶ କରିବା କଥା ସେ କହିଛନ୍ତି। ଏପରିକି ସଂରକ୍ଷଣ ସୀମାକୁ ୫୦% ରୁ ଅଧିକ କରିବା ପାଇଁ, ଅର୍ଥାତ୍ ଏହା ଉପରେ ଥିବା ସର୍ବୋଚ୍ଚ ନ୍ୟାୟାଳୟର ବାଧାକୁ ନାକଚ କରିବା ପାଇଁ ବିଧେୟକ ଆଣିବା କଥା ମଧ୍ୟ ସେ ଉଠାଇଛନ୍ତି। ଏ ସମସ୍ତର ମୂଳରେ ରହିଛି ଜାତିଭିତ୍ତିକ ଜନଗଣନା ଓ ପ୍ରତ୍ୟେକ ବର୍ଗର ସଂଖ୍ୟା ଆକଳନ।

> ଇଣ୍ଡିଆ ଗୋଠବନ୍ଧନ ନିର୍ବାଚନ ଜିଣି କ୍ଷମତାକୁ ଆସିଲେ ଜାତିଭିତ୍ତିକ ଜନଗଣନା କରିବ ବୋଲି ଏହାର ନେତାମାନେ କହୁଛନ୍ତି। ଶ୍ରୀ ରାହୁଲ ଗାନ୍ଧୀ ଏହାର ସପକ୍ଷରେ ଘୋଷଣା କରିସାରିଛନ୍ତି। ମଧ୍ୟ ପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲେଙ୍ଗାନାରେ କଂଗ୍ରେସ କ୍ଷମତାସୀନ ହେଲେ ସେଠାରେ ଜାତିଭିତ୍ତିକ ଜନଗଣନା ହେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ କର୍ଣ୍ଣାଟକ ନିର୍ବାଚନରେ ସେ ସାମାଜିକ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ।

ତାଙ୍କ ପ୍ରଚେଷ୍ଟାରେ କର୍ଣ୍ଣାଟକରେ ନୂଆ ସାମାଜିକ ସମୀକରଣ ତିଆରି ହୋଇପାରିଲା। ସମାଜର ତଳ ସ୍ତରର ଲୋକମାନଙ୍କ ମଧ୍ୟରେ କଂଗ୍ରେସ ନୂତନ ଆଶା ସଞ୍ଚାର କରିବାକୁ ସକ୍ଷମ ହେଲା। ବିରୋଧିଙ୍କ ଅଭିଯୋଗ ଅନୁଯାୟୀ ଶ୍ରୀ ରାହୁଲ ଗାନ୍ଧୀଙ୍କୁ କଂଗ୍ରେସର ଯେଉଁ ପୋଷ୍ଟର ବୟଭାବେ ଚିତ୍ରଣ କରା ଯାଉଥିଲା ତାହା ବଦଳି ଗଲା। ସେ ହୋଇଗଲେ ପାର୍ଟିର ଆଇକୋନ ଓ ବୈଚାରୀକ ସିଦ୍ଧାନ୍ତର ଉତ୍ସ। ତାଙ୍କ ନେତୃତ୍ୱ ଆହୁରି ପ୍ରସାରୀତ ହେଲା। ବିଭିନ୍ନ ମହଲରେ ସେ ଜଣେ ପରିପକ୍ୱ ରାଜନୀତିଜ୍ଞ ଭାବେ ସ୍ୱୀକୃତ ହେଲେ। ବିରୋଧୀଙ୍କ ତରଫରୁ ତାଙ୍କୁ ଓ ତାଙ୍କ ପରିବାର ବିରୁଦ୍ଧରେ ହେଉଥିବା ନାନା କୁତ୍ସାରଟନାକୁ ଲୋକମାନେ ପ୍ରତ୍ୟାଖ୍ୟାନ କଲେ। ଏହା ପୂର୍ବରୁ ତାଙ୍କ ଭାରତଯୋଡ ଯାତ୍ରା ତାଙ୍କୁ ଜଣେ ଉତ୍ସର୍ଗୀକୃତ ଓ ସାକାରାତ୍ମକ ରାଜନୀତିଜ୍ଞ ଭାବେ ପ୍ରତିଷ୍ଠିତ କରି ସାରିଥିଲା। ସେ ଭାଙ୍ଗିବା ରାଜନୀତିରେ ନୁହେଁ ବରଂ ଯୋଡିବା ରାଜନୀତିରେ ବିଶ୍ୱାସ କରୁଥିବା ଜଣେ ଉଦାରବାଦୀ ରାଜନେତାର ପରିଚୟ ତିଆରି କରିସାରି ଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜାତିଭିତ୍ତିକ ଜନଗଣନାକୁ ପ୍ରତ୍ୟାଖ୍ୟାନ କରି ଠିକ କରିଛନ୍ତି କି ଭୁଲ କରିଛନ୍ତି, ତାହା ୨୦୨୪ ସାଧାରଣ ନିର୍ବାଚନ ପରେ ଜଣାପଡିବ। କିନ୍ତୁ ଏହାକୁ ଯେ ଏକ ଶକ୍ତିଶାଳୀ ରାଜନୈତିକ ମୁଦ୍ଦାଭାବେ ପ୍ରତିଷ୍ଠିତ କରିବାକୁ ରାହୁଲ ଗାନ୍ଧୀ ସକ୍ଷମ ହୋଇଛନ୍ତି ଏକଥାକୁ ବିରୋଧୀ ଶିବିର ମଧ୍ୟ ଅସ୍ୱୀକାର କରିପାରିବ ନାହିଁ। ଏହି ଇସ୍ୟୁ ଉପରେ ଦେଶର ସଂଖ୍ୟାବହୁଳ ଲୋକଙ୍କ ଭାବାବେଗ ଜଡିତ ହୋଇ ରହିଛି। ଯେଉଁ ଜାତି ସମୂହ ପଛରେ ପଡ଼ିଛନ୍ତି ଓ ସମାନ ଭାଗିଦାରୀରୁ ବଞ୍ଚିତ ହୋଇ ଆସିଛନ୍ତି ସେମାନେ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ଅଛନ୍ତି। ଏମାନଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ଓବିସି ବର୍ଗ। ଏହି ବିରାଟ ସମୁଦାୟ ନିକଟରେ ରାଜନୈତିକ ଗଣିତକୁ ବଦଳାଇ ଦେବାର କ୍ଷମତା ରହିଛି। ଶ୍ରୀ ରାହୁଲ ଗାନ୍ଧୀ ଏ ଭାବାବେଗର ନାଡିଚିପି ଜାଣି ପାରିଛନ୍ତି। ଏହାରି ମାଧ୍ୟମରେ ବହୁଦିନରୁ ଅବହେଳିତ ହୋଇ ପଡି ରହିଥିବା ସାମାଜିକ ସମତା ଆନ୍ଦୋଳନକୁ ଆଗେଇ ନେବାକୁ ସେ ସଂକଳ୍ପବଦ୍ଧ ପରି ମନେ ହେଉଛି। ଯଦି ସଫଳ ହୁଅନ୍ତି ତେବେ ସମାଜିକ କ୍ରାନ୍ତି କ୍ଷେତ୍ରରେ ସେ ଅନ୍ୟତମ ଅଗ୍ରଣୀ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହେବେ।

+ ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦



# 'ଇ-ଆବର୍ଜନାର ସଂକଟ'

## ବିପିନ ବିହାରୀ ରାଉତ

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି । ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୁପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ୱାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ଣ୍ଣେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ। ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ୍ୟ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩




## ଶୀତ ପାଇଁ ଗୀତଟିଏ ଲେଖୁଛି

### ଜୟକୃଷ୍ଣ ସାହୁ

ଶୀତ ପାଇଁ ଗୀତଟିଏ
ଲେଖିବାକୁ ଇଚ୍ଛା ହୁଏ
ସରାଗରେ ବସି ଗୀତ ଲେଖୁଛି,
ଲେଖୁଛି ଯା' ମୋ ଆଖିରେ ଦେଖୁଛି।
ଦେହରେ କଅଁଳ ଖରା
ଅନୁଭବ ଅପାଶୋରା
ଗରମ ମୁଡ଼ି ପକୁଡ଼ି ଚାଖୁଛି,
ଲେଖୁଛି ଯା' ମୋ ଆଖିରେ ଦେଖୁଛି।
ଶିରି ଶିରି ପବନରେ
ଦେହ ମୋ ଶିହରି ଥରେ
ମୋ ମାଆ ପଣତେ ଦେହ ମାଖୁଛି,
ଲେଖୁଛି ଯା' ମୋ ଆଖିରେ ଦେଖୁଛି।
ବାଡ଼ିରେ ପରିବା ହାଟ
ଦେଖି ମୋ ମନ ଉଚ୍ଚାଟ
ଫୁଲର ସମ୍ଭାର ଯାହା ଦେଖୁଛି,
ମୋ ଆଖିରେ ଯା' ଦେଖୁଛି
ଲେଖୁଛି।
ଆଗରେ ସବୁଜ ଘାସ
ଅପରୂପ ତା'ର ବେଶ
ମୁକୁତାରେ କେ ସଜାଇ ରଖିଛି,
ଲେଖୁଛି ଯା' ମୋ ଆଖିରେ
ଦେଖୁଛି।
ମୋ ସାନ ଭାଇଟା ଆସି
ମୋ କୋଳରେ ଯାଏ ବସି
ଫିକ୍ ଫିକ୍ ଦେଖି ମୋତେ ହସୁଛି
ଲେଖୁଛି ଯା' ମୋ ଆଖିରେ ଦେଖୁଛି
ଶୀତ ପାଇଁ ଗୀତଟିଏ ଲେଖୁଛି।

କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ:୯୯୩୭୦୯୨୩୯୭

## ମିଛ ସଂପର୍କ

### ଦୀପକ କୁମାର ନାଏକ



ଆମ ବାଡୁଅ ବେଳରେ ପରିବାର
ପ୍ରତି
ସ୍ନେହ ରହିଥାଏ ଭରି
କିନ୍ତୁ ଘରକୁ ଆଣିଲେ ଘରଣୀ ଟିଏ
ତାହା ଯାଉ ଆମେ ଭୂଲି !

ଯଉ ବାପାଙ୍କ ସହ ଟିକେ ନ ଖାଇଲେ
ପୁରୁ ନ ଥିଲା ଆମ ପେଟ
ସେଇ ବାପା ଆଜି ଭୋକେ ବସିଛନ୍ତି
ଆମେ ଖାଉଛେ ମଟନ ଭାତ !

ଯଉ ମା କୋଳେ ଟିକେ ନ
ଶୋଇଲେ
ନିଦ ହୁଏ ନାହିଁ ଯମା
ସେଇ ମା ଆଖିରେ ଲୁହ ଦେଇ
ଆମେ
କରିଥାଉ କେତେ ଡ୍ରାମା !

ଯଉ ଭାଇ ଭଉଣୀ ଥିଲେଟି ଜୀବନ
ତାଙ୍କୁ କରୁ ହତାଦର
ସାତପର ଭାବିଣ ଘୃଣା କରିଥାଉ
ମନେ ରଖି ଅହଂକାର !

ମାୟା ମୋହେ ପଡ଼ି ଭୂଲି ଯାଇଥାଉ
ନିଜର ଯେ ରକ୍ତ ସଂପର୍କ
ସବୁ କିଛି ଶେଷ ହୋଇଗଲା ପରେ
କରୁ ପୁଣି ମହା ବିତର୍କ
କରୁ ପୁଣି ମହା ବିତର୍କ !

ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ, ପିନ୍-
୭୫୯୦୨୧
ମୋ:୮୬୩୭୨୬୧୮୨୮

## କର୍ମ ଜଞ୍ଜାଳ

### ସୁନିତା ସାହୁ

କର୍ମ ଜଞ୍ଜାଳ ରେ ବୁଡି ତୁ ରହୁଛୁ
ଟିକେ ତ ଶାନ୍ତିରେ ରହ,
ହେ ମଣିଷ ସଂଘର୍ଷ ମୟ ଜୀବନରେ
କେତେ ତୁ ଆଉ ସଂଘର୍ଷ କରିବୁ
ଟିକେ ତ ମୁକ୍ତିରେ ରହ ।
ମାୟା ମୋହ ତତେ ଗ୍ରାସ କରିଲାନି
ଲାଞ୍ଛନା ରେ ଆଜି ଲାଞ୍ଛିତ ହେଲୁଣି
ପଇସା ପଛରେ ଧଇଁ ସଇଁ
ହେଉ କେତେ
ପଇସା କି ନେଇ ଯିବୁ
ମଲା ବେଳେ ସତେ
ବିପଦ ଗ୍ରସ୍ତ ଜୀବନ
ବଞ୍ଚୁଛୁ ତୁ କେତେ ।

ଭବିଷ୍ୟତ ଖୁସି ପାଇଁ
ବର୍ତ୍ତମାନ କରୁ ନଷ୍ଟ
କେତେ ଦିନ ବଞ୍ଚି ଥିବୁ
ତାର ଅଛି କି ପ୍ରମାଣ?
ବର୍ତ୍ତମାନର ଖୁସି କୁ ତୁ ଜାବୁଡ଼ି ଧର୍
କିଛି କ୍ଷଣ ଜୀବନକୁ ଉପଭୋଗ କର।
ପୂଜା ଭକ୍ତି ପାଇଁ ତତେ ସମୟ ମିଳୁନି
ଦାନ, ଧର୍ମ, ପୁଣ୍ୟ ତତେ
କିଛି ଜଣା ନାହିଁ
ଭାବୁଛୁ ତୁ ମନେ ମନେ ଏହା ତୁଚ୍ଛ କାମ
ଏଥିରେ ତୋହର ହୁଏ ସମୟ କି ନଷ୍ଟ ?
ପାପ କର୍ମେ ସମୟ ତୋ
ହେଉନି କି ନଷ୍ଟ ।

ସକାଳଠୁ ସଂଜ ଯାଏ ପର ଚର୍ଚ୍ଚା କେତେ
ସତେ କଣ ମଣିଷ ତୁ ବେଇମାନି ଏତେ
ଦାନ, ଧର୍ମ ପୁଣ୍ୟ କର୍ମେ
ଲଗା ତୋର ମନ
କର୍ମ ବ୍ୟସ୍ତତା ରେ ମଧ ତୁ ନିଜେ
ନିଜକୁ ଖୋଜ
ପରିବାର ସାଙ୍ଗ ସାଥୀ ସହ ଖୁସି
ଟିକେ ବାଣ୍ଟି ଦେ
ଏହା ହିଁ ହେଉଛି ତ ପ୍ରକୃତ
ଶାନ୍ତି ମୟ ଜୀବନ।

+ଗ୍ରାମ - ଧୂସର ବାହାଲ, ବରଗଡ଼
ମୋ - ୭୮୫୫୦୭୯୦୯୮

## ଶୀତ ସପନ


### କବିତା ପଣ୍ଡା

ଶୀତୁଆ ରାତିରେ
ଆମନ୍ତ୍ରଣ କରେ
ସଖିପଣ ମନ ନେଇ
ଆଶାର ସହରରେ
ତୁମେ ଯେ ଆଲୋକ
ଜୀବନ ଗତି ମୋ ପାଇଁ
ଗାଉଥାଏ ଗୀତ
ହସୁଥାଏ ସୀତା
ନିରୋଳାରେ ସତେ ପାଇ
ଅଳସୀ ଦେହରେ
ରମେଶ ଚଦର
ଅଭୁଲା ସ୍ମୃତିଟେ ତୁହି
କହୁଥାଅ କଥା
ରଖିଥାଅ ମଥା
ପାପୁଲିରେ ହାତ ଥୋଇ ।
ଗଭାର ବାସରେ
ମୁକୁଳା କେଶରେ
ଶୀତ ସପନଟେ ହୋଇ।

ମଙ୍ଗଳପୁର, ସୋର, ବାଲେଶ୍ୱର







# ରାଜାଙ୍କ ଅହଙ୍କାର

**ସନ୍ତୋଷ କୁମାର ଅଦାବର**



ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ଅନେକ ଗୁଣର ଅଧିକାରୀ ଥିଲେ। ସେ ପ୍ରଜାମାନଙ୍କୁ ନିଜର ସନ୍ତାନ ଭଳି ଦେଖୁଥିଲେ । ତେଣୁ ତାଙ୍କୁ ସମସ୍ତେ ପ୍ରଶଂସା କରୁଥିଲେ ଏବଂ ଖୁବ୍ ଭଲ ପାଉଥିଲେ। ସେ ନିଜର ପରାକ୍ରମ ଏବଂ ବିରାଟ ଶକ୍ତିଶାଳୀ ସୈନ୍ୟବାହିନୀ ଯୋଗୁଁ ଅନେକ ରାଜ୍ୟ ଜୟ କଲେ। ବିଶାଳ ସାମ୍ରାଜ୍ୟର ଶାସକ ହୋଇଥିବାରୁ ଧିରେ ଧିରେ ତାଙ୍କ ମନରେ ଗର୍ବ ଓ ଅହଙ୍କାର ଜାତ ହେଲା। ନିଜକୁ ସେ ସର୍ବ ଶ୍ରେଷ୍ଠ ରାଜା ବୋଲି ବିବେଚନା କଲେ।

ରାଜାଙ୍କର ଏଭଳି ପରିବର୍ତ୍ତନ ଯୋଗୁଁ ରାଜ୍ୟର ସୁଶାସନରେ ବାଧା ପାଇଲା। ସମ୍ମାନ ଦେଖାଉଥିବା ଏବଂ ଭଲ ପାଉଥିବା ସମସ୍ତ ପ୍ରଜା ଧିରେ ଧିରେ ରାଜାଙ୍କୁ ଭୟ କଲେ । ଏ ରାଜାଙ୍କର ମନ୍ତ୍ରୀ ଜଣକ କିନ୍ତୁ ଖୁବ ବୁଦ୍ଧିମାନ ଥିଲେ। ମନ୍ତ୍ରୀ ଜଣକ ରାଜାଙ୍କ ଠାରୁ ବୟସରେ ବଡ ଥିଲେ । ରାଜକାର୍ଯ୍ୟ ଓ ରାଜ୍ୟ ଶାସନ ଉପରେ ତାଙ୍କର ଦକ୍ଷତା ଏବଂ ଅଭିଜ୍ଞତା ବହୁତ ଥିଲା। ରାଜ କର୍ମଚାରୀ, ସେନାପତି ତଥା ସୈନ୍ୟ ସାମନ୍ତ ମଧ୍ୟ ମନ୍ତ୍ରୀଙ୍କ କଥାକୁ ଏବଂ ଆଦେଶ ମାନୁଥିଲେ । ରାଜାଙ୍କର ଏତାଦୃଶ ପରିବର୍ତ୍ତନରେ ମନ୍ତ୍ରୀ,ସେନାପତି,ରାଜ କର୍ମଚାରୀ ତଥା ରାଜ୍ୟର ପ୍ରଜାକୂଳ ମଧ୍ୟ ଚିନ୍ତିତ ହୋଇ ପଡିଲେ।

ରାଜାଙ୍କୁ ଅହଂଭାବ ଏବଂ ଗର୍ବ ଠାରୁ ଠିକ ବାଟକୁ ଆଣିବାକୁ ମନ୍ତ୍ରୀ ଏକ ଉପାୟ ବାହାର କଲେ। ଏଥିପାଇଁ ସେ ରାଜାଙ୍କ ଅଜାଣତରେ ଅନ୍ୟମାନଙ୍କର ସହାୟତା ନେଲେ ଏବଂ ମନ୍ତ୍ରୀଙ୍କର ଏ ଉପାୟକୁ ସମସ୍ତେ ସ୍ୱାଗତ ଏବଂ ସମର୍ଥନ କଲେ।

ତା' ପରଦିନ ସକାଳେ ରାଜା ଶଯ୍ୟାତ୍ୟାଗ କରି ନିଜର ରାଜ ଉଦ୍ୟାନକୁ ଭ୍ରମମଣରେ ଯାଉଥିବା ସମୟରେ ବାଟରେ ଥିବା ପ୍ରହରୀ, ଦୂତ, ଦାସୀ କେହି ମଧ୍ୟ ରାଜାଙ୍କୁ ସମ୍ମାନ ଜଣାଇଲେ ନାହିଁ। ରାଜାଙ୍କ ମନରେ କ୍ରୋଧ ଭାବ ଜାତ ହେଲା। ତା'ପରେ ସେ ଉଦ୍ୟାନକୁ ପ୍ରବେଶ କଲେ । ସେଠାରେ ନିୟୋଜିତ କର୍ମଚାରୀ ମଧ୍ୟ ରାଜାଙ୍କୁ ପ୍ରଣାମ କଲେ ନାହିଁ। ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ରାଜା ଆଉ ଉଦ୍ୟାନରେ ଭ୍ରମଣ ନ କରି ସିଧା ରାଜପ୍ରାସାଦକୁ ଫେରି ଆସିଲେ। ତା'ପରେ ମନ୍ତ୍ରୀଙ୍କୁ ଡାକି ସମ୍ମାନ ଜଣାଇ ନ ଥିବା ସମସ୍ତ କର୍ମଚାରୀଙ୍କୁ କଠୋର ଦଣ୍ଡବିଧାନ ବ୍ୟବସ୍ଥା କର ବୋଲି ଆଦେଶ ଦେଲେ।

ରାଜାଙ୍କ କହିବା ଅନୁସାରେ ସେ ସମସ୍ତଙ୍କୁ ରାଜାଙ୍କ ସମ୍ମୁଖକୁ ଡକାଗଲା। ସେମାନଙ୍କୁ ଦଣ୍ଡଦେବା କାର୍ଯ୍ୟରେ ନ୍ୟସ୍ତ ଥିବା କର୍ମଚାରୀମାନେ ରାଜାଙ୍କ କଥାରେ ରାଜି ନ ହୋଇ ଚାଲିଗଲେ। କିଛି କ୍ଷଣ ପରେ ଶତ୍ରୁ ରାଜ୍ୟରୁ ଯୁଦ୍ଧ ପାଇଁ ଏକ ପତ୍ର ଆସିଲା । ଯୁଦ୍ଧର ପ୍ରସ୍ତୁତ ପାଇଁ ରାଜା ସେନାପତିଙ୍କୁ ଆଦେଶ ଦେଲେ। କିନ୍ତୁ ସେନାପତି ତଥା ସୈନ୍ୟ ସାମନ୍ତ କେହି ବି ନ ଶୁଣିଲା ପରି ରହିଲେ।

ଆଉ ଦୁଇ ଦିନ ପରେ ଯୁଦ୍ଧ ହେବ। ଯଦି ଏଭଳି କେହି ରାଜାଙ୍କ କଥା ନ ଶୁଣନ୍ତି ଯୁଦ୍ଧରେ ପରାଜିତ ହୋଇ ରାଜ୍ୟ ହରାଇବା ସ୍ୱାଭାବିକ। ରାଜା ଖୁବ୍ ଚିନ୍ତିତ ହୋଇ ବ୍ୟସ୍ତବିବ୍ରତ ହୋଇ ପଡିଲେ। ତାଙ୍କୁ ରାତିରେ ନିଦ ହେଲା ନାହିଁ। ରାଜ ଅଗଣାରେ ଏକ ବିରାଡ଼ି ଜୀବନ୍ତ ମୂଷାଟିଏ ଏ ହାତରୁ ସେ ହାତକୁ କରି ମଜା ନେଉଥାଏ। ସେ ମଜାର ମସଗୁଲ ଥିବା ସମୟରେ ଅନ୍ୟ ଏକ ବିରାଡି ଆସି ସେ ମୂଷାକୁ ନେଇଗଲା। ଏହା ଦେଖି ରାଜା ଚମକି ପଡିଲେ। ତାଙ୍କୁ ରାଜ୍ୟ ହରାଇବାର ଭୟ ଆସିଗଲା । ଭାବିଲେ, ଏ ପ୍ରଥମ ବିରାଡି ଭଳି ତାଙ୍କର ଅହଂଭାବ ଓ ଗର୍ବ ହୋଇଛି। ଯାହାଦ୍ୱାରା ସେ ତାଙ୍କର ରାଜ୍ୟର କର୍ମଚାରୀ ମାନଙ୍କଠାରୁ ସେ ସମ୍ମାନ ତଥା ସେବା ପାଇ ପାରୁନାହାନ୍ତି।

ତା' ପରଦିନ ରାଜା ସମସ୍ତ ରାଜ କର୍ମଚାରୀଙ୍କୁ ଏବଂ ମନ୍ତ୍ରୀପରିଷଦଙ୍କୁ ରାଜ ଦରବାରକୁ ଡାକିଲେ ଏବଂ ପୂର୍ବଭଳି ନିଜ ପୁଅଝିଅ ସଦୃଶ ବ୍ୟବହାର ଦେଖାଇଲେ। ଅଭିଜ୍ଞତା ଏବଂ ଦକ୍ଷତାରେ ଅଭାବ ନ ଥିବା ମନ୍ତ୍ରୀ ରାଜାଙ୍କର ଆଚରଣକୁ ଭଲ ଭାବରେ ବୁଝି ପାରିଲେ ଏବଂ ଅନ୍ୟମାନଙ୍କୁ ଆଖିରେ ଠାରିଦେଇ ରାଜା ଠିକ ବାଟକୁ ଆସିଛନ୍ତି ବୋଲି ସୂଚନା ଦେଲେ। ଧିରେ ଧିରେ ଏ କଥା ରାଜ୍ୟ ସାରା ପ୍ରଚାରିତ ହୋଇଗଲା। ନିଜର ପୂର୍ବ ଭଳି ସୁଗୁଣ ସମ୍ପନ୍ନ ରାଜାକୁ ପାଇ ପୁଣି ଥରେ ରାଜ୍ୟବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳିଗଲା। ରାଜାଙ୍କୁ ସମସ୍ତେ ସେବା ଓ ସମ୍ମାନ ଜଣାଇଲେ।

ବାସ୍ତବିକ ନିଜ ସଫଳତା ଯୋଗୁଁ ଗର୍ବ ଓ ଅହଙ୍କାର କଲେ ପ୍ରଗତିରେ ବାଧା ସୃଷ୍ଟି ହୋଇଥାଏ, ଏଥିରେ ସନ୍ଦେହର ଅବକାଶ ନାହିଁ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଶୀତ ସକାଳ





**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ଥୁରୁ ଥୁରୁ ଶୀତ ରାତିରେ ମୁନାକୁ ଜେଜେମା ପାଖରେ ଶୋଇବାକୁ ଉଷୁମ ଲାଗେ। ଜେଜେମାର ମୋଟା ରେଜେଇ । ତାଆରି ଭିତରେ ପଶି ମୁନା ଶୁଣେ ବାଘ, ଭାଲୁ, ହରିଣ, ହାତୀ, ଡାଆଣି, ବୁଢ଼ୀ ଅସୁରୁଣୀ ଗପ । ଗପ ଶୁଣୁ ଶୁଣୁ ମୁନାକୁ ନିଦ ଆସିଯାଏ ।

ସକାଳ ହେବା ଆଗରୁ ବୁଢୀମା ଉଠି ଯାଆନ୍ତି ତାଙ୍କ ବସି କାମ କରିବାକୁ। ଘର ବାହାର ଗୋବର ପାଣି ପକାଇ ଓଳାଇ ଦିଅନ୍ତି। କାଠି କୁଟା ଶୁଖିଲା ପତ୍ର ଆଦି ଅଳିଆକୁ ଗୋଟିଏ ଜାଗାରେ ଠୁଳ କରି ଦେଉଥାଆନ୍ତି।

ସୂର୍ଯ୍ୟ ଉଇଁଲେ ଜେଜେମା ଆସି ମୁନାକୁ ନିଦରୁ ଉଠାଇ ଦିଅନ୍ତି। ବିଛଣା, ରେଜେଇ ଭାଙ୍ଗି ରଖିଦିଅନ୍ତି। ମୁନା ରେଜେଇରୁ ବାହାରିବା ମାତ୍ରେ କୁଙ୍କୁରି କାଙ୍କୁରି ହୋଇ ଧାଏଁ ଖରା ପୁଇଁ ହେବାକୁ । କେବେ କେବେ ସୂର୍ଯ୍ୟ ଉଦୟ ହୋଇ ଥିଲେବି ଖରା ପଡ଼ି ନଥାଏ । ଚାରିଆଡ଼େ କୁହୁଡ଼ି ଘେରି ରହିଥାଏ । କୁହୁଡ଼ି ଆଢୁଆଳରେ ସୂର୍ଯ୍ୟ ମୁହଁ ଲୁଚାଇ ଦେଇଥାଆନ୍ତି।

ମୁନା ଚାଦରଟିଏ ଘୋଡାଇ ହୋଇ ବାହରକୁ ବାହାରେ । ଦେଖେ କିଛି ଲୋକ ବସି ନିଆଁ ପୁଇଁ ହେଉ ଥାଆନ୍ତି । ଜେଜେମା ଏକାଠି କରି ରଖିଥିବା ଅଳିଆରେ ନିଆଁ ଲଗାଇ ଦେଇ ଥାଆନ୍ତି। ଆଉ କାଠ କୁଟା ଆଣି ସେଥିରେ ମିଶାଉ ଥାଆନ୍ତି । ନିଆଁକୁ ଘେରି ରହିଥିବା ଲୋକଙ୍କ ପାଖରେ ଯାଇ ମୁନା ବସିଗଲା । ହାତକୁ ନିଆଁ ଆଡ଼କୁ ବଢ଼ାଇ ସେକି ହେଲା । ନିଆଁ ତେଜ ବଢିଲେ ଲୋକେ ପଛକୁ ଘୁଞ୍ଚି ଆସୁ ଥାଆନ୍ତି । ମଝିରେ ମଝିରେ ଧୂଆଁ ଆସି ଆଖିରେ ପଶି ଯାଉ ଥାଏ । ଧୀରେ ଧୀରେ ବଡ଼ ଲୋକ ମାନେ ନିଜ ନିଜ କାମରେ ଚାଲି ଯାଉଥାଆନ୍ତି । ମୁନାର ଆଉ ସାଙ୍ଗ ମାନେ ଆସି ନିଆଁ ପାଖରେ ବସୁ ଥାଆନ୍ତି। ଖରା ଆସିବା ଯାଏ ପିଲାଙ୍କର ନିଆଁ ସେକା ଚାଲୁଥାଏ । ଦିନେ ସେ ରାସ୍ତା ଦେଇ ଗାଆଁ ବିଦ୍ୟାଳୟ ଶିକ୍ଷକ ଯାଉଥିଲେ । ଦେଖିଲେ ମୁନା ଏବଂ ତା' ସାଙ୍ଗମାନେ ଦାଣ୍ଡରେ ବସି ନିଆଁ ପୁଇଁ ହେଉଛନ୍ତି । ଶିକ୍ଷକଙ୍କୁ ଦେଖି ପିଲା ମାନେ ନିଆଁ ପାଖରୁ ଉଠି ପଡ଼ିଲେ । ପାଦ ଛୁଇଁ ପ୍ରଣାମ କଲେ। ଶିକ୍ଷକ ପିଲାମାନଙ୍କୁ ଆଶୀର୍ବାଦ କରିବା ସହ କହିଲେ, ତୁମେମାନେ ଏସବୁ କଣ କରୁଛ ? ଏମିତି କାଠି କୁଟା ଅଳିଆ ଜାଳିବା ଦ୍ୱାରା କେତେ ବାୟୁ ପ୍ରଦୂଷଣ ହେଉଛି ଜାଣିଛ ତ ?

ପ୍ରଦୂଷିତ ବାୟୁ ଆମ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତି କାରକ । ତୁମେମାନେ ପରା ଖବର କାଗଜରେ ପଢୁଛ, ଟିଭିରେ ଦେଖୁଚ ଆମ ଦେଶର ରାଜଧାନୀ ଦିଲ୍ଲୀରେ କେତେ ମାତ୍ରାରେ ବାୟୁ ପ୍ରଦୂଷିତ । ସେମିତି ଅବସ୍ଥା ଅନେକ ସହରରେ। ତା'ର ମୁଖ୍ୟ କାରଣ ଧୂଆଁ । ସେଠାରେ ପ୍ରଦୂଷଣ ଏତେ ମାତ୍ରାରେ ଯେ ଦିନରେ ବି ସୂର୍ଯ୍ୟ ଦେଖା ଯାଉ ନାହାନ୍ତି । ଆଖି ପୋଡିବା ସହ ଶ୍ୱାସ ପ୍ରଶ୍ୱାସ ନେବା କଷ୍ଟ କର ହୋଇ ଯାଉଛି । ତେଣୁ ଆମେ ଏମିତି ନିଆଁ ଜଳାଇ ଧୂଆଁ କରି ଆମ ପରିବେଶକୁ ପ୍ରଦୂଷିତ କରିବା ଠିକ ନୁହେଁ । ଶୀତରୁ ରକ୍ଷା ପାଇବା ପାଇଁ ଗରମ ପୋଷାକ ପିନ୍ଧିବା ସହ ଖରାରେ ବସିବା ଉଚିତ୍। ସୂର୍ଯ୍ୟ କିରଣରେ ଉତ୍ତାପ ସହ ଭିଟାମିନ 'ଡି ' ନାମକ ପୋଷକତତ୍ତ୍ୱ ଥାଏ। ଯାହା ସ୍ୱାସ୍ଥ୍ୟ ପକ୍ଷରେ ହିତ କାରକ ।

ମୁନା ଏବଂ ତା' ସାଥୀ ମାନେ ଶିକ୍ଷକଙ୍କ ଉପଦେଶ ଶୁଣି କହିଲେ, ସେମାନେ ଆଉ କବେ ସକାଳୁ ଉଠି ନିଆଁ ଲଗାଇ ସେଠି ବସିବେ ନାହିଁ କି କାହାକୁ ନିଆଁ ଲଗାଇବାକୁ ଦେବେ ନାହିଁ ।

+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଭିକାରୁଣୀ

**ପ୍ରଫୁଲ୍ଲ ବାରିକ**




ରବିବାର ଥାଏ । ସମୟ ଦିନ ଦଶଟା ହବ। ଛୁଟୀଦିନ ହେତୁ ସୋମୁ ପୋର୍ଟିକୋରେ ବସି ସ୍କୁଲ ପଢା କରୁଥାଏ । ଗ୍ରିଲ ସେପଟେ ଶବ୍ଦଟିଏ ତା କାନରେ ବାଜିଲା - ମାଆ, ଭିକ ମୁଠେ ଦବ....। ସୋମୁ ପଢ଼ାରୁ ମୁହଁ ଉଠେଇ ଅନେଇଲା । କଳା କିଟିକିଟି ମହିଳାଟିଏ ଫଟା ଶାଢ଼ୀ ଖଣ୍ଡିକ ଗୁଡେଇ ହେଇ ସିଲଭର ବେଲା ଦେଖେଇ ମାଗୁଛି । ଏତେ ପତଳା ଦୁର୍ବଳଯେ ପବନ ଝଲକେରେ ଉଡିଯିବ । ସେଥିକୁ ପୁଣି କାଖରେ ଶିଶୁଟିଏ। ମାଙ୍କଡ଼ ଛୁଆପରି ଲଟକି ଅନେଇଛି ଜୁଳୁଜୁଳୁ । ସୋମୁକୁ ଭାରି କଷ୍ଟହେଲା ଦୃଶ୍ୟଦେଖି। ମହିଳାଟି ପୁଣିଥରେ ଦୋହରେଇଲା - ମାଆ, ଭିକ ମୁଠେ ଦିଅ....।

ସୋମୁ ଜାଣେ, ବୋଉକୁ ତା ଡାକ ଶୁଭୁନଥିବ। ବୋଉ ବ୍ୟସ୍ତଥିବ ରୋଷେଇ ଘରେ। ସୋମୁ ଉଠିଯାଇ ବୋଉକୁ କହିଲା - ଭିକ ମୁଠେ ଦେ'.., ଦୁଆରେ ଜଣେ ଠିଆ ହେଇଚି । କହି ଆସି ବସିଲା ତା ପଢା ଜାଗାରେ। ପଛେପଛେ ବୋଉ । ଭିକାରୁଣୀକୁ ଦେଖି ପାଟିକରି କହିଲେ - ରାତି ପାହୁପାହୁ ପହଂଚିଗଲ ? ତମକୁ ଆଉ ତରନାଇଁ । ଗିନାରେ ଆଣିଥିବା ଚାଉଳ ଉଜାଡି ଦେଇ ବେଲାରେ ଚାଲିଯିବାକୁ ବସିଛନ୍ତି, ଭିକାରୁଣୀର ବିକଳ ଆରତ - ମାଆ, କିଛି ଖାଇନାଇଁ । ପିଲାଟାବି ଭୁକେଇଲାଣି । ଗଣ୍ଡେ କିଛି ଦବ ପାଟିରେ ଦବାକୁ ?

-- କିଛି ନାଇଁ । ଭିକ ପାଇଲୁ, ଯାଆ...।

ବୋଉ ଚାଲିଗଲେ ତମତମ ହେଇ ।

ସୋମୁ ଦେଖୁଥାଏ ଦୃଶ୍ୟ । ତାକୁ ଭାରି ଦୁଃଖ ଲାଗିଲା । ବାଧିଲାବି ବୋଉ କଥା ଭିକାରୁଣୀ ପ୍ରତି । କେଡେ ନିଷ୍ଠୁର ବୋଉ ତା'ର ? ସେ ରାଗିଲା ମନେମନେ ବୋଉ ଉପରେ । ଭିକାରୁଣୀ ଗେଟ ଆଡ଼େ ଯିବାର ଦେଖି ସୋମୁ ଡାକି କହିଲା - ରୁହ, ମୁଁ ଦେଖୁଚି। କିଛି ମିଳେ ଯଦି... । ଭିକାରୁଣୀ ପଲେ ଭରଷା ପାଇଲା । ନଯାଇ ଠିଆ ହେଇ ରହିଲା ସେଇଠି।

ସୋମୁ ସିଧା ଆସି ଫ୍ରିଜ ଖୋଲିଲା । ଟିଫିନ ବାଟିରେ ସକାଳେ ବଞ୍ଚିଥିବା ରୁଟି ଦି'ପଟ ରହିଛି । ବୋଉ ରଖିଛି । ଖାଦ୍ୟ ସେ ନଷ୍ଟ କରେନା । ସୋମୁ ସେ ରୁଟି ନେଇ ସିଧା ତା କଂସାରେ ଥୋଇ ଦେଲା । ଭିକାରୁଣୀ କିଛି ନକହିଲେବି ତା ଶୁଖିଲା ଓଠରେ ହସ ଚେନାଏ ଫୁଟି ଉଠିବାର ସୋମୁ ଦେଖିଲା । ତାକୁ ଭାରି ଭଲ ଲାଗିଲା । ସିଏବି କଳେ ହସିଦେଲା ଆନନ୍ଦରେ ।

ବୋଉ ବୋଧେ ଜାଣିପାରିଲେ । ଆସି ଦେଖନ୍ତିତ ଭିକାରୁଣୀ ଯିବାପରେବି ସୋମୁ ଚାହିଁଛି ତା ଆଡ଼େ । ମୁହଁରେ ତାର ଫୁଟିଉଠୁଚି ଆନନ୍ଦ । ବୋଉ ପଚାରିଲେ - କଣ ଦେଲୁକିରେ ତାକୁ ?

-- ସକାଳ ରୁଟି, ଯାହା ତୁ ରଖିଥିଲୁ ଫ୍ରିଜରେ ।

ବୋଉକୁ ଚୁପ ରହିବା ଦେଖି ସୋମୁ କହିଲା - ତୁ ଟିକେ ଦେଖିଲୁନି ବୋଉ ତାଙ୍କ ଅବସ୍ଥାକୁ ? ଛୁଆଟା କିମିତି ଶୁଖି ଚମକଣ୍ଢେଇ ପରି ଅନେଇଚି ଜୁଳୁଜୁଳୁ ? ଦିହିଁକି ଦିହେଁ ଭୋକିଲା । ଶୁଣ ବୋଉ, ସମସ୍ତଙ୍କୁ ଦିଏବୋଲି ମୁଁ କହୁନି । ଅବସ୍ଥା ଦେଖିକିତ ପୁଣି ବିଚାର କରିବୁ ?

ବୋଉବି କଳେ ହସିଦେଇ ଚାଲି ଆସିଲେ ସେଠୁ । ଆସି ରୋଷେଇ ଘରେ ଭାବୁଥାଆନ୍ତି, ସୋମୁଟା କେଡେ ବୁଝିବାର ହେଇ ଗଲାଣି...।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

## କବିତା

ତୁମ ପାଇଁ

### ଶିଶୁଟିଏ ମୁହିଁ ଶିଶୁଟିଏ....

**ରାମଚନ୍ଦ୍ର ବେହେରା**

ଶିଶୁଟିଏ ମୁହିଁ ଶିଶୁଟିଏ
ବଗିଚାର କୁନି ଫୁଲଟିଏ
ନିଜେ ହସି ହସି ପରକୁ ହସାଏ
ଖେଳିକୁଦି ମୋର ଦିନ ଯାଏ।

ଖେଳନା ଦେଖିଲେ ଖୁସି ହୁଏ
ଜୀବଜନ୍ତୁ ଦେଖି ଡରିଯାଏ
ମିଛ କଥା କେବେ କୁହେ ନାହିଁ ମୁହିଁ
ଯାହା ସତ ତାହା କହିଥାଏ।

ଶିଶୁଟିଏ ମୁହିଁ ଶିଶୁଟିଏ
ଗେଲ ବସରରେ ବଢିଥାଏ
ତୋଡ ଦେଖାଇଲେ କାନ୍ଦେ ମୁଁ ବିକଳେ
ଲୁହ ମୋ ଆଖିରୁ ବହିଯାଏ।

ମାଆଂକ କୋଳରେ ବସିଥାଏ
ଜହ୍ନମାମୁଁ ଦେଖି ଭାତ ଖାଏ
ଭୋକ ଶୋଷ କଲେ ସମ୍ଭାଳି ନପାରି
ଚିଲେଇ ଚିଲେଇ କାନ୍ଦିଥାଏ।

ଶିଶୁଟିଏ ମୁହିଁ ଶିଶୁଟିଏ
ଆଇଂକ କାହାଣୀ ଶୁଣୁଥାଏ
ପରୀ ରାଇଜର କଥା ଶୁଣି ମୁହେଁ
ଚେନା ଚେନା ହସ ଖେଳିଯାଏ।

ଚପଳପନା ମୁଁ ପିଲାଟିଏ
ଆପଣା ପର ମୁଁ ଭୁଲିଥାଏ
ସରଳ ନିଷ୍ପାପ ସ୍ୱଭାବ ମୋ ଦେଖି
ଶତ୍ରୁ ମୋ ପାଶେ ମିତ୍ର ହୁଏ।

ସଂଜ ନଇଁଗଲେ ରାତି ହୁଏ
ସଅଳ ସଅଳ ମୁହିଁ ଶୁଏ
ଫସରା ଫାଟିଲେ କାଉ ଡାକ ଶୁଣି
ଝଅଟ ମୋ ନିଦ ଭାଂଗିଯାଏ।

ଶିଶୁଟିଏ ମୁହିଁ ଶିଶୁଟିଏ
ଖଡିଧରି ଲେଖି ଶିଖିଥାଏ
ବଡ ହୋଇ ଦିନେ ମାତୃଭୂମି ପାଇଁ
ଜନହିତ କାମ କରିଥାଏ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



### ସମୟକୁ ବାଣ୍ଟିଦେବା ଚାଲ

**ଶୁଭଦର୍ଶିନୀ ଦାଶ**

ଆସ ପିଲାମାନେ ଭାଗ ବାଣ୍ଟିବା
ଏତ ତମ ସମୟର ଭାଗ
ଅତି ମୂଲ୍ୟବାନ
ବୁଦ୍ଧି ବିଚାରି କାମ କରିବ।

ବାଣ୍ଟିଦେବା ଚାଲ ପାଠ ଆଉ ଖେଳ ମଧ୍ୟରେ
ବଡ଼ ଦେଖି ଟିକେ ଅଧିକ ଦେବା
କାହାରିକୁ ନିରାଶ କରିବା ନାହିଁ
ଦୁହେଁ ଯାକ ଅତି ଦରକାରି ତମ ପାଇଁ ।

ଯାହାର ସମୟ ଯେତେବେଳେ
ତା ସହିତ ତମେ ନିଷ୍ଠାରେ ରହିବ
ପଢିବା ସମୟରେ ଖେଳିବ ନାହିଁ
ଖେଳିବା ସମୟରେ ଖେଳ ଖେଳିବ ।

ତମ ନିଷ୍ଠାପର ଆଚରଣରେ ଜାଣ
ସବୁ ସୁରୁଖୁରୁ ହୋଇ ଚାଲିବ
ରହିବ ନାହିଁ ପାଠର ଭୟ କି ଗୁରୁଙ୍କ ବେତ
ସୁସ୍ଥ ଆଉ ସ୍ଥିର ମନରେ ଯେବେ ପାଠ ପଢିବ
ପାଠ ସବୁ ଝଟ ପଟ ମନେ ରହିବ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

### ଗାଇପଦେ ମିଠାଗୀତ

**ପ୍ରଶାନ୍ତ କୁମାର ଦାଶ**

ବୁଣିକି ମୁରୁଜ ଉଇଁନି ସୁରୁଯ
ରାତିତ ଯାଇନି ସରି
ଗଛର ପତରେ କାକରର ଟୋପା
ଛାଆଁକୁ ଯାଉଚି ଝରି ।

ନିରବ ଗାଆଁରେ ଶୁଭିଲାଣି ଏବେ
ଟିକି ଚଢେଇର ଗୀତ
କୁହୁଡ଼ି କାକର ଶୀତଳତା ନେଇ
ଗାଆଁକୁ ଆସିଛି ଶୀତ ।

ଶୀତକୁ ନଡରି ଗାଧୁଆ ସାରଇ
ଅଳସ ତଡିକି ଖୁଡି
ଦୂର ସହରକୁ ଯାଏ ସନାସାହୁ
ମୁଣ୍ଡେଥୋଇ ଫଳ ଝୁଡି ।

ଶୀତକୁ ଖାତର ନକରି କହ୍ନେଇ
ପଢେ ତାର ପଢାବହି
ମାଟି ଛାତିଚିରି ଲଗାଏ ଫସଲ
ଚାଷୀଭାଇ ଶୀତ ସହି ।

ଅଳସ ଦୂରେଇ ଚାଲିଲେ ସଡକେ
ଦିହକୁ ହୋଇବ ହିତ
ଶୀତ ସକାଳରେ ଚାଲିଲେଣି ଅଜା
ଗାଇପଦେ ମିଠା ଗୀତ ।

+କୁଞ୍ଜର ସଙ୍ଗଳାଇ
ପିପିଲି ପୁରୀ
ଗକ୍ଟଭସକ୍ଷର -୯୬୬୮୮୨୨୧୯୦

### ଏ କଥାଟି ମନେରଖ

**ନୀଳମଣି ଚାନ୍ଦ**

ଅଳପ ପାଣିରେ ଦଣ୍ଡିକିରି
ରହିପାରେନାହିଁ ହୋଇ ଥିରି
ଫଙ୍କରଫଙ୍କର ଡିଏଁ
ଏତେ କିଆଁ ଖୁସି, ପଚାରେ ଲୁସି
କହିକି ପାରିବ କିଏ ?

ଗହୀର ପାଣିରେ ରହେ ରୋହି
କେବେ ଖେଳେ, କେବେ ଥାଏ ଶୋଇ
କମ୍ ଡିଆଁଡେଇଁ କରେ
ଏମିତିକା ତା'ର ଭଲ ଗୁଣଟି
ସଭି ମନେ ଖୁସି ଭରେ।

ଇଏ ମାଛ ସିଏ ମାଛଟିଏ
ଆଦର ଲଭଇ ରୋହି ଯିଏ
ବଡେଇ କରେନା କେବେ
ଦଣ୍ଡିକିରି ହୁଏ ଫଙ୍କରଫଙ୍କ
ହେଉଥାଏ ଦେଖେ ଯେବେ।

ମନେ ରଖ ଅନୁ, ମନୁ, ଟଇଁ
ଫଳନ୍ତି ଗଛଟି ପଡେ ନଇଁ
ଚୁପ୍ ଥାନ୍ତି ଜ୍ଞାନୀ ଲୋକ
ରୋହିଟି ଶିଖାଏ ଠିକ୍ ସେ କଥା
ଏକଥାଟି ମନେ ରଖ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### ଶୀତ ଆସିଲାଣି ଥିରିଥିରି

**ନିରଞ୍ଜନ ସାହୁ**

ଶୀତ ଆସିଲାଣି ଥିରିଥିରି
ଉତ୍ତରା ପବନ ଶିରିଶିରି
ପଙ୍ଖା ଘୁରୁନାହିଁ ଘିରିଘିରି
ବର୍ଷା ପଡୁନାହିଁ ଫିରିଫିରି ।
ଶୀତ କରେ ଏବେ କୁତୁକୁତୁ
ନିଆଁ ଜଳାଇବା ହୁତୁହୁତୁ
ବେତ ଯେଉଁପରି ନୁତୁନୁତୁ
ଶୀତ ବି ସେପରି ପୁତୁପୁତୁ ।
କାକର ପଡୁଛି ଟୋପାଟୋପା
ଗେଣ୍ଡୁ ଫୁଟିଅଛି ଥୋପାଥୋପା
ପିଆଜ ପରସ୍ତ ଚୋପାଚୋପା
ଶୀତ ବି କୁହାଏ ବୋପାବୋପା ।
ଶୀତରେ କରିବା କାମଦାମ
ଶୀତରେ ଜପିବା ରାମନାମ
ଶୀତେ କରୁଥିବା ଆମକାମ
ଶୀତରେ କହିବା ଶ୍ୟାମଶ୍ୟାମ ।
ଶୀତ ପଡୁଅଛି ଜାଣଜାଣ
ଗରମ ପୋଷାକ ଆଣଆଣ
ଧାନ ପାଚିଅଛି ମାଣମାଣ
ପରିବା ଫଳିଛି ଟାଣଟାଣ ।
ଶୀତ ରହିବନି ମାସମାସ
ନିଆଁ ପହିଁହେବା ଆସଆସ
ଫସଲରୁ କୀଟ ନାଶନାଶ
ଭୋଜିଭାତ କଥା ଭାଷଭାଷ ।
ପକ୍ଷୀ ଉଡ଼େ ଡେଣା ଝାଡ଼ିଝାଡ଼ି
ଧାନ ବୁହା ଚାଲେ ଗାଡିଗାଡି
ଶୀତ ଦିନେ ଯିବ ଛାଡିଛାଡି
ଖରା ଆସିଯିବ ମାଡ଼ିମାଡ଼ି ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

# ଖରିଫ୍ ଧାନ ସଂଗ୍ରହ: ଏସ୍ଏଚ୍‌ଜିଙ୍କ ସଂଖ୍ୟା ୫୪୭କୁ ଖସିଲା



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଗତବର୍ଷ ୭୧୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ଖରିଫ ଧାନ ସଂଗ୍ରହ କରିଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ୫୪୭କୁ ହ୍ରାସ ପାଇଛି। ମୟୂରଭଞ୍ଜ, ରାୟଗଡ଼ା, ନୟାଗଡ଼, ଗଜପତି, କନ୍ଧମାଳ, ଖୋର୍ଧା, କେନ୍ଦ୍ରାପଡ଼ା, କେନ୍ଦୁଝରରେ ଧାନ ସଂଗ୍ରହ ବ୍ୟବସ୍ଥାରେ କୌଣସି ଏସ୍ଏଚ୍‌ଜିଙ୍କୁ ସାମିଲ କରାଯାଇନାହିଁ। ଏହାକୁ ସହଜରେ ଗ୍ରହଣ କରିପାରୁ ନାହିଁ ସମବାୟ ବିଭାଗ। ରାଜ୍ୟରେ ଧାନ ସଂଗ୍ରହରେ ଅଧିକ ଏସ୍ଏଚ୍‌ଜିଙ୍କୁ ସାମିଲ ପାଇଁ ନୀତି ଗ୍ରହଣ କରାଯାଇଛି। ଏଣୁ ଅଧିକ ସଂଖ୍ୟକ ଏସ୍ଏଚ୍‌ଜିଙ୍କୁ ଚିହ୍ନଟ କରି ଧାନ କିଣାରେ ସାମିଲ ପାଇଁ ସମବାୟ ବିଭାଗ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛି। ସୂଚନା ଅନୁଯାୟୀ, ଗତବର୍ଷ ଗଞ୍ଜାମରେ ୧୦୪ ଏସ୍ଏଚ୍‌ଜି ଧାନ ସଂଗ୍ରହ କରିଥିଲେ। ଚଳିତବର୍ଷ ଏଠାରେ ଧାନ ସଂଗ୍ରହ ଆରମ୍ଭ ହୋଇ ନାହିଁ। କିନ୍ତୁ ପଞ୍ଜୀକୃତ ଗ୍ରୁପ ସଂଖ୍ୟା ୧୦୩ ରହିଛି। ବରଗଡ଼ରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ ପଞ୍ଜୀକୃତ ଏସ୍ଏଚ୍‌ଜିଙ୍କ ସଂଖ୍ୟା ୬୮ରୁ ୩୪କୁ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷର ହିସାବ ନେଲେ ସମ୍ବଲପୁରରେ ମଧ ଏହା ୨୫ରୁ ୧୫, ସୁବର୍ଣ୍ଣପୁରରେ ୭୫ରୁ ୪୦, ବାଲେଶ୍ୱରରେ ୧୨ରୁ ୮, ବଲାଙ୍ଗୀରରେ ୨୭ରୁ ୧୭, ଯାଜପୁରରେ ୬୨ରୁ ୪୬, କଳାହାଣ୍ଡିରେ ୫୫ରୁ ୩୨, କୋରାପୁଟରେ ୪୨ରୁ ୨୨, ବୌଦ୍ଧରେ ୩ରୁ୨କୁ ଏସ୍ଏଚ୍‌ଜିଙ୍କ ସଂଖ୍ୟା କମିଛି। କଟକ ଭଳି ବଡ଼ ଏବଂ ଆଗୁଆ ଜିଲ୍ଲାରେ ଗତବର୍ଷ ମାତ୍ର ୩ଟି ଏସ୍ଏଚ୍‌ଜି ଧାନ ସଂଗ୍ରହ ପ୍ରକ୍ରିୟାରେ ଥିଲେ। ଚଳିତ ବର୍ଷ ଏହି ସଂଖ୍ୟାରେ ପରିବର୍ତ୍ତନ ହୋଇନାହିଁ। ୨୦୨୨ରେ ଗଜପତିରେ ୨୧ଟି ଏସ୍ଏଚ୍‌ଜି ଧାନ ସଂଗ୍ରହ କରିଥିଲେ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା କେହି ମଧ ଧାନ ସଂଗ୍ରହ ପାଇଁ ପଞ୍ଜୀକୃତ ହୋଇ ନାହାନ୍ତି। ଏକମାତ୍ର ଜିଲ୍ଲା ନବରଙ୍ଗପୁରରେ ପଞ୍ଜୀକୃତ ଏସ୍ଏଚ୍‌ଜିଙ୍କ ସଂଖ୍ୟା ୨୬ରୁ ୪୫କୁ ବୃଦ୍ଧି ପାଇଛି। ସମ୍ବଲପୁର ଜିଲ୍ଲା ପିଣ୍ଡାପଥରର ଏସ୍ଏଚ୍‌ଜି ସଦସ୍ୟା କୁମୁଦିନୀଙ୍କ କହିବା ଅନୁସାରେ, ଗତବର୍ଷ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ଏସ୍ଏଚ୍‌ଜି ଟାର୍ଗେଟରୁ ଅଧିକ ଧାନ ସଂଗ୍ରହ କରି କଳା ତାଲିକାଭୁକ୍ତ ହୋଇଥିଲେ। ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ ଏହି କାରଣରୁ ଅନେକ ଏସ୍ଏଚ୍‌ଜି ବାଦ ପଡ଼ିଛନ୍ତି। ଏଥିଯୋଗୁଁ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସତ୍ତ୍ୱେ ଧାନ ସଂଗ୍ରହ ନେଇ ଏସ୍ଏଚ୍‌ଜିଙ୍କ ଆଗ୍ରହ କମି ନାହିଁ। ମୟୂରଭଞ୍ଜ ଜିଲ୍ଲାର ଏସ୍ଏଚ୍‌ଜି ସଦସ୍ୟା ମଧୁସ୍ମିତାଙ୍କ ମତ ହେଉଛି, ଧାନ ସଂଗ୍ରହ ସମ୍ପର୍କରେ ସେ ଜାଣନ୍ତି ନାହିଁ। ତେଣୁ ଏହି ଦିଗ ପ୍ରତି ଆଗ୍ରହ ରଖି ନାହାନ୍ତି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଏଜେନ୍ସି ଭାବରେ ପ୍ୟାକ୍ସ ଧାନ ସଂଗ୍ରହ କରିଥାଏ। ୨୦୧୮ ମସିହା ରବିରେ ପ୍ରଥମ କରି କଳାହାଣ୍ଡି ଜିଲ୍ଲାର ୧୭ଟି ଗ୍ରାମ ପଞ୍ଚାୟତରେ ୧୭ଟି ଏସ୍ଏଚ୍‌ଜି ଧାନ ସଂଗ୍ରହ କରିଥିଲେ। ଏହାପରେ ୨୦୧୯ ମସିହା ଖରିଫରେ ୧୧ଟି ଜିଲ୍ଲାରେ ୧୯୯ଟି ଏସ୍ଏଚ୍‌ଜି ରବିରେ ୮ଟି ଜିଲ୍ଲାର ୧୧୨ ଗ୍ରାମପଞ୍ଚାୟତରେ ୧୧୩ ଏସ୍ଏଚ୍‌ଜି ଧାନ ସଂଗ୍ରହ କରିଥିଲେ। ଉଲ୍ଲେଖଥାଉକି, ରାଜ୍ୟର ଯେଉଁ ଜିଲ୍ଲାମାନଙ୍କରେ ଧାନ ସଂଗ୍ରହ କମିଟି ବୈଠକ ହୋଇ ନାହିଁ, ସେଠାରେ ଯଥାଶୀଘ୍ର ବୈଠକ କରାଯାଇ ଧାନ ସଂଗ୍ରହ ତାରିଖ ଘୋଷଣା ପାଇଁ ସମବାୟ ବିଭାଗ ପକ୍ଷରୁ ଡିଆରସିଏସଙ୍କୁ ନିର୍ଦ୍ଦେଶ ହୋଇଛି। ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବାହାର ରାଜ୍ୟର ଧାନ ଯେମିତି ପ୍ରବେଶ କରିପାରିବ ନାହିଁ ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା କଷ୍ଟମ ମିଲିଂରେ ଶତ ପ୍ରତିଶତ ଚାଉଳ ଆସି ନାହିଁ। ଆହୁରି ୮%ଆସିବାକୁ ବାକି ରହିଛି। ସର୍ବାଧିକ ଧାନ ସଂଗ୍ରହ କରୁଥିବା ବରଗଡ଼ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ ୨୩ %, ବୌଦ୍ଧରେ ୧୮ %, ସମ୍ବଲପୁରରେ ୧୬ %, କୋରାପୁଟରେ ୧୫ % ଚାଉଳ ଆସି ନାହିଁ।

## ବଡ ଦିନରେ ମଦ ଦୋକାନ ବନ୍ଦ କରିବାକୁ ଦାବି

ଜୟପୁର, ୦୧/୧୨ (ନି.ପ୍ର): ବଡ ଦିନରେ ଜୟପୁର ସହର ଓ ଆଖ ପାଖ ଅଂଚଳରେ ମଦ ଦୋକାନ ବନ୍ଦ କରିବାକୁ ଦାବି କରାଯାଇଛି । ଆସନ୍ତା ୨୫ ତାରିଖରେ ବଡ ଦିନ । ଏନେଇ ଜୟପୁର ପୌରାଚଂଳ ୱାର୍ଡ ନମ୍ବର ୫ର କାଉନସିଲର ପ୍ରଣବ କିଶୋର ନାୟକ କୋରାପୁଟ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି ।

ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଖ୍ରୀଷ୍ଟିଆନ ସମ୍ପ୍ରଦାୟ ତରଫରୁ ବଡ ଦିନ ପାଳନ କରାଯାଉଛି । କିନ୍ତୁ, ଏହି ଦିନ କେତେକ ଆସାମାଜିକ ବ୍ୟକ୍ତି ମାନେ ମଦ୍ୟପାନ କରି ଅସାମାଜିକ କାଯ୍ୟକଳାପ କରୁଛନ୍ତି । ବିଗତ ଦିନରେ ଏପରି କାଯ୍ୟକଳାପ ଦେଖିବାକୁ ମିଳିଛି । ଯେପିରିକି ସାଧାରଣ ଜୀବନ ଯାପନ ନିମନ୍ତେ ଉକ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ତେଣୁ ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଆସନ୍ତା ୨୫ ତାରିଖରେ ଦିନ ଓ ରାତିରେ ମଦ ଦୋକାନ ବନ୍ଦ କରିବାକୁ କାଉନସିଲର ପ୍ରଣବ କିଶୋର ନାୟକ ଦାବି କରିଛନ୍ତି ।

# ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯକ୍ରମର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

କନ୍ଧମାଳ, ୦୧/୧୨ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ବନାନୀ କଳାସଙ୍ଗମ ଫୁଲବାଣୀ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଅରୁପ କୁମାର୍ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିଆରପିଏଫ ଇନିସପେକଟର ଜିତେନ୍ଦ୍ର କୁମାର ବର୍ମନ୍, ଜିଲ୍ଲା ପ୍ରେସକ୍ଲବ ଓ ଫୁଲବାଣୀ ରକ୍ତଦାନ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ। ଚେନ୍ନାଇ ଠାରେ ଅନୁଷ୍ଠିତ ହେଉଥିବା ୧୫ ତମ ଆଦିବାସୀ ଭାବ ବିନିମୟ କାର୍ଯକ୍ରମର ସାଂସ୍କୃତିକ କାର୍ଯକ୍ରମରେ କନ୍ଧମାଳ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି। ଏହି କାର୍ଯକ୍ରମ ପାଇଁ ତୁମୁଡିବନ୍ଧ ବ୍ଲକର ୨୦ ଜଣ ଆଦିବାସୀ ଯୁବକ ଯୁବତୀ ଯାତ୍ରା କରିଥିଲେ। ସେମାନଙ୍କ ପଥ ପ୍ରଦର୍ଶକ ଭାବରେ ୧୨୭ ସିଆରପିଫ ବାଟାଲିୟନ ବାଲିଗୁଡ଼ାର ସବ୍ ଇନିସପେକ୍ଟର ଜଳଧର ପାଟସାନି, ମିନାସି ସାହୁ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମ ୨୨ ନଭେମ୍ବରରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମରେ ଓଡିଶା, ମହାରାଷ୍ଟ୍ର, ଛତିଶଗଡ, ଝାଡ଼ଖଣ୍ଡ ଓ ଚେନ୍ନାଇ ରାଜ୍ୟର ଭାଇ ଓ ଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯକ୍ରମର ମୁଖ୍ୟ ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି ସମ୍ମାନିତ ଅତିଥି ଏବଂ ଉପସ୍ଥିତ ଥିବା ପ୍ରତିଯୋଗୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚନ୍ଦ୍ର ମୋନି ଦେହୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜି. ଉଦୟଗିରି ବିଜ୍ଞାପିତ ପରିଷଦ ଅଧକ୍ଷ ନିର୍ବାଚନରେ ବିଜେଡିର ଦେବସ୍ମିତା ବିଜୟୀ

କନ୍ଧମାଳ, ୦୧/୧୨ (ନି.ପ୍ର): ଉଦୟଗିରି ଏନଏସି ଅଧକ୍ଷା ଉପନିର୍ବାଚନର ଭୋଟ୍ ଗଣତି ଶେଷ ହୋଇଛି। ବିଜୁ ଜନତା ଦଳ ଏହି ପଦବୀ ବଜାୟ ରଖିବାରେ ସଫଳ ହୋଇଛି । ସର୍ବଶେଷ ଫଳାଫଳ ଅନୁଯାୟୀ, ବିଜୁ ଜନତା ଦଳର ପ୍ରାର୍ଥିନୀ ଦେବସ୍ମିତା ଶତପଥି ବିଜୟୀ ହୋଇଛନ୍ତି। ଦେବସ୍ମିତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ରଞ୍ଜିତା ନାୟକଙ୍କୁ ୨୩୫୫ ଭୋଟରେ ପରାଜିତ କରିଛନ୍ତି। ଦେବସ୍ମିତା ୩୧୧୧ ଭୋଟ ପାଇଥିବା ବେଳେ ରଞ୍ଜିତା ୭୫୬ ଭୋଟ ପାଇଛନ୍ତି। ସେହିଭଳି କଂଗ୍ରେସ ପ୍ରାର୍ଥିନୀ ମଧୁଲିନା ଦିଗାଲଙ୍କୁ ୬୧୪ ଭୋଟ ମିଳିଛି। ବୁଧବାର ଅନୁଷ୍ଠିତ ମତଦାନରେ ସମୁଦାୟ ୮୧୫୫ ଭୋଟରଙ୍କ ମଧ୍ୟରୁ ୪୫୧୯ ଜଣ ମତଦାନ କରିଥିଲେ। ମତଦାନ ପ୍ରତିଶତ ୫୫.୪୧ ରହିଥିଲା। ସୂଚନାଯୋଗ୍ୟ, ପୂର୍ବତନ ଅଧକ୍ଷା ସ୍ୱର୍ଗତଃ ଭାନୁପ୍ରଭା ମିଶ୍ରଙ୍କ ଅକାଳ ବିୟୋଗ ଯୋଗୁଁ ଏହି ପଦବୀ ଖାଲି ପଡିଥିଲା । ତିନି ପ୍ରମୁଖ ରାଜନୈତିକ ଦଳଙ୍କ ମଧରେ ତ୍ରିମୁଖୀ ଲଢ଼େଇ ହୋଇଥିବା ବେଳେ ବିଜେଡି ସ୍ୱର୍ଗତା ଅଧକ୍ଷା ଭାନୁପ୍ରଭାଙ୍କ ଝିଅ ଦେବସ୍ମିତାଙ୍କୁ ପ୍ରାର୍ଥୀ କରିଥିଲା।

# ନେହେରୁ ଯୁବକେନ୍ଦ୍ର ତରଫରୁ ଦୁଇ ଦିନିଆ ତାଲିମ୍ କାର୍ଯ୍ୟକ୍ରମ

ଭବାନୀପାଟଣା, ୦୧/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଠାରେ ନେହେରୁ ଯୁବକେନ୍ଦ୍ର ଓଡିଶା ଆନୁକୁଲ୍ୟରେ ଦୁଇଦିନ ଧରି ରାଜ୍ୟ ସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜଳ ଶକ୍ତିମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭ ଉଦଘାଟନ କରିଥିଲେ । ଏବଂ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜନଜାତି ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆଇସିଏମ୍ଆର- ଏମ୍ ଆର୍ ଏମ ଆର୍ ସି ନିର୍ଦ୍ଦେଶିକା ସଂଘମିତ୍ରା ପତି ଏବଂ ସୋଆ ବିଶ୍ୱ ବିଦ୍ୟାଳୟ ଛାତ୍ର ମଙ୍ଗଳ ଡିନ ଡକ୍ଟର ଜ୍ୟୋତି ରଞ୍ଜନ ଦାସ ଏବଂ ନେହେରୁ ଯୁବକେନ୍ଦ୍ର ରାଜ୍ୟ ନିର୍ଦ୍ଦେଶକ ହୋନି ସିନ୍ନା । ଉକ୍ତ କାର୍ଯ୍ୟକ୍ରମରେ ''ମେରୀ ମାଟି ମେରାଦେଶ'' କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପୁରସ୍କାର ଗ୍ରହଣ କରିଥଲେ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଭାଷଣ ପ୍ରତିଯୋଗୀତାରେ ଶୁଭଲକ୍ଷ୍ମୀ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ତାଙ୍କୁ ସାର୍ଟିଫିକେଟ ସହ ୭୫୦୦ ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିଶକ୍ତି ସାଂସ୍କୃତିକ ଅନୁଷ୍ଠାନ ମାଟିଆ, କଳାହାଣ୍ଡି ଦିତୀୟ ସ୍ଥାନ ଅଧିକାର କରିଥିଲେ, ତାଙ୍କୁ ସାର୍ଟିଫିକେଟ ସହ ୨୫୦୦୦ ଟଙ୍କା ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯକ୍ରମରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ଜିଲ୍ଲା ତରଫରୁ ନେତୃତ୍ୱ ନେଇଥିବା ବେଳେ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ମୋଚନ ପୋଡ଼, ସୋଭାବନ୍ ମାଝୀ, ମଳୟ ମାଝୀ, ହୁକମେ ଗୋଉଡ, ତୁଳବତି ଗଉଡ ସମେତ ସମସ୍ତ ସଦୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଥିଲେ। ଜିଲ୍ଲା ପାଇଁ ସଫଳତା ଅର୍ଜନ କରିଥିବା ପ୍ରତିଭାଗିଙ୍କୁ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର କୃତଜ୍ଞତା ଜ୍ଞାପନ କରିଥିଲେ।

# ଗେଡାପଣ ଦୂର ପାଇଁ ମା' କ୍ଷୀରକୁ ଦିଆଯିବ ପ୍ରାଧାନ୍ୟ: ସୁବର୍ଣ୍ଣ ୧୦୦୦ ଦିନକୁ ଦିଆଯିବ ଗୁରୁତ୍ୱ



ଭୁବନେଶ୍ୱର, ୦୧/୧୨ (ନି.ପ୍ର): ବୟସ ଅନୁସାରେ ଯଦି ଉଚ୍ଚତା ନ ବଢେ ତେବେ ତାକୁ ଗେଡାପଣ ବୋଲି କୁହାଯାଏ। ଜନ୍ମର ୨ ବର୍ଷ ଭିତରେ ଯଦି ଏହାର ଚିକିତ୍ସା ନ କରାଯାଏ ତେବେ ଏହାକୁ ନିରାକରଣ କରିବା ବହୁ କଷ୍ଟ ହେଇଯାଏ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀଙ୍କ ସୂଚନା ମୁତାବକ ଗର୍ଭାବସ୍ଥାରୁ ପିଲାକୁ ୨ ବର୍ଷ ହେବା ଯାଏଁ ପିଲାର ଶାରୀରିକ ଓ ମାନସିକ ସ୍ତରରେ ବିକାଶ ହୋଇଥାଏ। ତେଣୁ ଏହି ୧୦୦୦ ଦିନକୁ ସୁବର୍ଣ୍ଣ ୧୦୦୦ ଦିନ ହିସାବରେ ଧରାଯାଏ। ଏହାରି ଭିତରେ ଏହାର ଚିହ୍ନଟ କରି କେମିତି ଏହାର ନିରାକରଣ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ ଦରକାର।ସେହିଭଳି ଗେଡାପଣ ପାଇଁ ମା କ୍ଷୀରକୁ ପ୍ରାଧାନ୍ୟ ଆମେ ଦେଇଛୁ।

ଜନ୍ମ ହେବା ପରେ ମା କ୍ଷୀର ଦେବା ଜରୁରୀ। ଓଡ଼ିଶାରେ ଯାହା ଭଲ ସ୍ଥିତିରେ ରହିଛି। ସେହିଭଳି ଯେଉଁ ଶିଶୁ ଅପରିପକ୍ୱ ରହିଛି ମା କ୍ଷୀର ଖାଇପାରୁନି ତା ପାଇଁ ମା କ୍ଷୀର ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ୧୮ଟି ଏଲଏମୟୁ ଓ ୨ଟି ସିଏଲଏମସି ରହିଛି। ସେହିପରି ସେ କହିଛନ୍ତି ଯେ ଉପକୂଳ ଓଡ଼ିଶାରେ ରକ୍ତହୀନତା କମୁଥିବା ବେଳେ ଆଦିବାସୀ ଅଧୁଷିତ ଅଞ୍ଚଳରେ ବଢୁଛି ରକ୍ତହୀନତା। ୫ ବର୍ଷ ତଳର ପିଲାଙ୍କ ରକ୍ତହୀନତାକୁ ନେଇ ଏନଏଫଏଚଏସ ୪ର ରିପୋର୍ଟ ଅନୁସାରେ ଯାହା ୪୪% ରହିଥିଲା ଏନଏଫଏଚଏସ ୫ ରେ ୬୪% ପ୍ରତିଶତରେ ପହଂଚିଛି। ଆଇରନ ବଟିକା ଦିଆଯିବା ସତ୍ତ୍ୱେ ବି ରକ୍ତହୀନତା କମୁ ନାହିଁ । ତେବେ ଏହି ବଟିକା କେଉଁ ଭଳି ସେମାନେ ଖାଉଛନ୍ତି ବା ପ୍ରକୃତରେ ଖାଉଛନ୍ତି କି ନାହିଁ , ଯେଉଁ ସମୟରେ ଖାଇବା କଥା( ଖାଇବାର ଗୋଟେ ଘଣ୍ଟା ପରେ) , ଆଇରନ ବଟିକା ଖାଇବା ସମୟରେ ଚା ବା ଅନ୍ୟ ଫାଇବର ଥିବା ଖାଦ୍ୟ ଖାଇବା ନାହିଁ ଏହି ସମ୍ପର୍କରେ ଲୋକ ସଚେତିତ ଅଛନ୍ତି କି ନାହିଁ ତାକୁ ନେଇ ଯାଞ୍ଚ କରାଯିବ। ସେହିଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଏହାର ସଂଖ୍ୟା ଅଧିକ ରହିଥିବାରୁ ,ସ୍ଥାନୀୟ ଖାଦ୍ୟ ପଦାର୍ଥକୁ କେଉଁଭଳି ସେ ଅଞ୍ଚଳର ଲୋକ ବ୍ୟବହାର କରିବେ ଯାହା ଦ୍ୱାରା ରକ୍ତହୀନତା ଲକ୍ଷଣ କମ୍ ଦେଖାଯିବ ସେଥିପ୍ରତି ସେମାନଙ୍କୁ ସଚେତନ କରାଯିବ। କେଉଁ ଭଳି ସେମାନଙ୍କ ଭାଷାରେ ହିଁ ସେମାନଙ୍କୁ ବୁଝାଇ ହେବ ତା ପ୍ରତି ଦୃଷ୍ଟି ଦେବାକୁ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ପୋଷ୍ଟର,ବ୍ୟାନର ଆଦି ଜରିଆରେ ସେମାନଙ୍କୁ କେଉଁ ଖାଦ୍ୟ ଖାଇବା ଦରକାର କେଉଁ ଖାଦ୍ୟ ନ ଖାଇବା ସେ ବିଷୟରେ ବୁଝାଯିବ।

## ତମାଖୁ ବର୍ଜନ ଦିବସ ଉପଲକ୍ଷେ ରଚନା ପ୍ରତିଯୋଗିତା

ମାଲକାନଗିରି, ୦୧/୧୨ (ନି.ପ୍ର): ମାଲକାନଗିରି ମହିଳା ଉଚ୍ଚ ମାଧମିକ ମହାବିଦ୍ୟାଳୟ ଏନ.ଆର.ଏଚ.ଏମ. ତରଫରୁ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଏକ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଧକ୍ଷ ଦୁଷ୍ମନ୍ତ ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଯୁବ ରେଡ଼କ୍ରସର ସହ ସମ୍ପାଦକ ଡକ୍ଟର ରଞ୍ଜନ କୁମାରୀ ସ୍ୱାଇଁ ଯୋଗଦାନ କରି ଛାତ୍ରୀ ମାନଙ୍କୁ ତମାଖୁର ଭୟାବହ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହିତ ସମ୍ପୂର୍ଣ୍ଣ ନିଶାମୁକ୍ତ ଅନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଡକ୍ଟର ଦୁର୍ଗାପ୍ରସାଦ ରାଜ ମହାମାରୀ ବିଶେଷଜ୍ଞ, ଶିବ ସୁନ୍ଦର ପାଣିଗ୍ରାହୀ ଅଣ ସଂକ୍ରାମକ ରୋଗ ପରିଚାଳକ ଯୋଗଦାନ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡକ୍ଟର ଗାୟତ୍ରୀ ଜେନା, ଇତିହାସ ଅଧାପିକା ଯୋଗଦାନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରଚନା ପ୍ରତିଯୋଗିତାରେ ସୁମିତ୍ରା ମୁଦୁଲି ପ୍ରଥମ, ରିକୁ ଜାଲି ଦ୍ୱିତୀୟ, ରାମେ ସୋଡି ତୃତୀୟ ହୋଇଛନ୍ତି। ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ମାନପତ୍ର ସହିତ ପୁରସ୍କାର ବିତରଣ କରାଯାଇଥିଲା। ସଭା ଶେଷରେ ପୃଥ୍ୱୀମିତା ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପରିଚାଳନା ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା

ପୁରୀ, ୦୧/୧୨ (ନି.ପ୍ର): ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ନିର୍ବାଚନ ପାଇଁ ସବୁଠାରୁ ବଡ ଉପାଦାନ ଏକ ସଠିକ ଭୋଟର ତାଲିକା। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଜାରି ରହିଛି, ଯାହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ନୂତନ ଭୋଟର ମାନଙ୍କର ସାମିଲ ସହ ମୃତ ଭୋଟରଙ୍କୁ ବାଦ ଦେବା, ତାଲିକାରେ ତୃଟି ଥିଲେ ସଂଶୋଧନ କାର୍ଯ୍ୟ ଚାଲୁ ରହିଛି। ନୂଆ ଭୋଟର ମାନଙ୍କୁ ପଞ୍ଜିକରଣ ପାଇଁ ସଚେତନତା ସୃଷ୍ଟି କରାଯାଇଛି। ଅପରପକ୍ଷରେ ନିର୍ବାଚନ ସମୟରେ ଡିସପରସାଲ ବା ନିର୍ବାଚନ ପରିଚାଳନା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ କର୍ମଚାରୀଙ୍କୁ ସାମଗ୍ରୀ ପ୍ରଦାନ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ଇଭିଏମ ରହଣି ସ୍ଥଳ, ଭୋଟ ଗଣତି ସ୍ଥାନ ଚିହ୍ନଟ ଆରମ୍ଭ ହୋଇଛି। ବିଗତ ନିର୍ବାଚନ ମାନଙ୍କରେ କେନ୍ଦ୍ରୀୟ ବିଦ୍ୟାଳୟ, ଏସସିଏସ ମହାବିଦ୍ୟାଳୟରେ ଏହା କରାଯାଉଥିଲା। ବର୍ତ୍ତମାନ ପେଣ୍ଠକଟା ଇଭିଏମ ଗୋଦାମ କେନ୍ଦ୍ର ସହ ଉପରୋକ୍ତ ଦୁଇ ସ୍ଥାନକୁ ଅନୁଧ୍ୟାନ କରାଯାଉଛି। ଆଜି ପୂର୍ବାହ୍ନରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଥିବା ୬ ଅଧିକାରୀ ଯଥା ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ ଓ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଏହି ସ୍ଥାନ ଗୁଡିକ ପରିଦର୍ଶନ କରିଥିଲେ। ଏହାର ଅନୁଧାନ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ସ୍ଥାନ ଚୂଡାନ୍ତ କରାଯିବ ବୋଲି ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପୁରୀ ଓ ଜଗତସିଂହପୁର ଲୋକସଭା ଆସନର ଅଂଶ ସହ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି ନିମାପଡା ଓ କାକଟପୁର ବିଧାନସଭା ନିର୍ବାଚନ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥାଏ।

# ବିଶ୍ୱ ଏଡସ ଦିବସ: ୨୨ବର୍ଷରେ ୨୮୦ଜଣଙ୍କ ମୃତ୍ୟୁ

ଖୋର୍ଦ୍ଧା,୩୦।୧୧: ଡିସେମ୍ବର ୧ ବିଶ୍ୱ ଏଡସ ଦିବସ । ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଉନ୍ନତି ଘଟିଥିଲେ ମଧ ଏଡସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର କରିବାରେ ସଫଳ ହୋଇପାରିନାହାନ୍ତି । ଖୋର୍ଦ୍ଧା ଜିଲାରେ ଗତ ୨୦୦୨ରୁ ୨୦୨୩ ଅକ୍ଟୋବର ସୁଦ୍ଧା ୨୨ବର୍ଷ ମଧରେ ୧୫ଲକ୍ଷ ୮୫ହଜାର୯୫୨ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୫ଲକ୍ଷ ୧୫ହଜାର ୩୨୫ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । ସେଥିରୁ ୪୧୭୫ ଜଣ ପଜିଟିଭି ଚିହ୍ନଟ ହୋଇଛନ୍ତି । ସେଥିରୁ ପୁରୁଷ ୨୭୫୯, ମହିଳା ୯୭୧, ଶିଶୁ ୧୫୦ ଏବଂ ଅନ୍ୟ ୧୧୫ ରହିଛନ୍ତି । ୨୮୦ଜଣଙ୍କ ମୃତ୍ୟୁ ଘଟିଛି । ସେଥିରୁ କେବଳ ଖୋର୍ଦ୍ଧା ଜିଲାରୁ ୧୭୦ଜଣ ରହିଛନ୍ତି । ଅନ୍ୟ ଜିଲା ଓ ବାହାର ରାଜ୍ୟରୁ ଆସି ଏଠାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ସଂଖ୍ୟା ୧୧୦ ରହିଛନ୍ତି। ୨୦୧୮-୧୯ରେ ୧୧୦୪୬୫ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୦୯୮୧ ରକ୍ତ ନମୁନା ପରୀକ୍ଷା କରାଯାଇଛି । ୨୮୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣ ମୃତ୍ୟୁ ଘଟିଛି । ୨୦୧୯-୨୦ରେ ୧୧୬୮୯୩ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୧୫୬୮୫ ରକ୍ତ ନମୁନା ପରୀକ୍ଷା କରାଯାଇଛି । ୨୮୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୯ଜଣ ମୃତ୍ୟୁ ଘଟିଛି । ୨୦୨୦-୨୧ରେ ୧୦୦୫୩୭ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୯୯୯୭୭ ରକ୍ତ ନମୁନା ପରୀକ୍ଷା କରାଯାଇଛି । ୨୦୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୧ଜଣ ମୃତ୍ୟୁ ଘଟିଛି । ୨୦୨୧-୨୨ରେ ୧୩୮୪୦୬ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୩୭୮୯୭ ରକ୍ତ ନମୁନା ପରୀକ୍ଷା କରାଯାଇଛି । ୨୩୯ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣ ମୃତ୍ୟୁ ଘଟିଛି । ୨୦୨୨-୨୩ରେ ୧୭୧୫୫୦ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୭୧୧୧୪ରକ୍ତ ନମୁନା ପରୀକ୍ଷା କରାଯାଇଛି । ୪୩୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୧ଜଣ ମୃତ୍ୟୁ ଘଟିଛି । ୨୦୨୩-୨୪(ଅକ୍ଟୋବର ପର୍ଯ୍ୟନ୍ତ) ୯୭୫୫୨ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୯୭୪୯୬ ରକ୍ତ ନମୁନା ପରୀକ୍ଷା କରାଯାଇଛି । ୨୮୨ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୦୬ଜଣ ମୃତ୍ୟୁ ଘଟିଛି । ପ୍ରତିବର୍ଷ ଏଡସ ସଚେତନତା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଶ୍ରାଦ୍ଧ କରୁଛନ୍ତି । ଅଥଚ ଫଳାଫଳ ଶୂନ । କ୍ରମାଗତ ଭାବେ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ପ୍ରତିବର୍ଷ ଜିଲାରେ ଏଡସ ରୋଗୀଙ୍କ ମୃତ୍ୟୁହାର ବଢି ଚାଲିଛି । ଏଡସ ସଚେତନତା କେବଳ ସଭା,ସମିତି, ଶୋଭାଯାତ୍ରା, ମାରାଥାନାରେ ସୀମିତ ରହିଛି । ଜିଲା ପ୍ରଶାସନର ଅବହେଳା ତଥା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଏଥିଲାଗି ଉତର ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅନ୍ୟପଟେ ଏଡସ ଚିହ୍ନ୍ଟ ରୋଗୀଙ୍କୁ ଦିଆଯାଉଥିବା ମାସିକ ଭତା ଠିକ୍ ସମୟରେ ଦିଆଯାଉନଥିବା ଅନେକ ରୋଗୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ର ଆନ୍ତରିକତା ଅଭାବ ଏବଂ ସ୍ଥାନୀୟ ସ୍ତରରେ ପ୍ରଶାସନିକ ଦାୟିତ୍ୱହୀନତାରୁ ଦୀର୍ଘ ବର୍ଷ ଧରି ଏହି ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭତା ଏବଂ ଅନ୍ୟାନ୍ୟ ସୁବିଧା ଦେବାରେ ଅବହେଳା କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଏଚଆଇଭି ଏଡସର ପ୍ରଥମ ଘଟଣା ସାମାନକୁ ଆସିବା ପର ଠାରୁ ଆଜି ପର୍ଯ୍ୟନ୍ତ ବିଶ୍ୱରେ ପ୍ରାୟ ୨୫ ମିଲିୟନ୍ ଲୋକଙ୍କ ଜୀବନ ନେଇଛି ଏହି ମହାମାରୀ ଏଡସ୍ । ଲକ୍ଷାଧିକ ସଂକ୍ରମିତଙ୍କୁ ଆବଶ୍ୟକ ଚିକିତ୍ସା ମିଳିପାରୁନାହିଁ । ଏନେଇ ସିଡିଏମଓ ଆର୍ତବନ୍ଧୁ ନାୟକ କୁହନ୍ତି ଏଚଆଇଭି ଏକ ମାରତ୍ମକ ରୋଗ । ଯାହା ହ୍ୟୁମାନ ଇମ୍ୟୁନଡେଫିସିଏନ୍ସି ଭାଇରସ୍ ଯୋଗୁ ବ୍ୟାପେ, ଯାହାକୁ ଏଚଆଇଭି କୁହାଯାଏ । ଏହା ମୁଖ୍ୟତଃ ଅସୁରକ୍ଷିତ ଯୌନ ସମ୍ପର୍କ ଯୋଗୁ ସଂକ୍ରମିତ ରକ୍ତ, ସଂକ୍ରମିତ ମାଆ ଠାରୁ କ୍ଷୀର ଖାଉଥିବା ଛୁଆକୁ ଏବଂ ସଂକ୍ରମିତ ଛୁଂଚି ଦ୍ୱାରା ବ୍ୟାପିଥାଏ ପ୍ରକାଶ ଥାଉକି ଓଡିଶା ଏଡ଼ସ ସଚତେନା କରିବା, ସ୍କୁଲ କଲେଜ ,, ଅଙ୍ଗନବାଡି ଓ ତଳ ଉପର ସ୍ୱାସ୍ଥ୍ୟ ବିଭାଗ ସମସ୍ତ କର୍ମଚାୀମାନଙ୍କୁ ତାଲିମ ଦେବାକୁ ଓଡିଶା ସ୍ୱାସ୍ଥ୍ୟ ବିଭାଗ ,ଏଡସ ସେଲ ,ପ୍ରତି ଜିଲ୍ଲାରେ ଏକ ଟିମ ଗଠନ କରିଥିଲେ।

## ଗଡପଦର ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୦୧/୧୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଆଜି ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖି ସହ ପ୍ରସ୍ତୁତି କରୁଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରି ବିଭାଗ । ଚଢଉ କରି ୬ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ନୀଳମଣି କଲେଜକୁ ନାକ ବି ଗ୍ରେଡ଼ ମାନ୍ୟତା



ବସ୍ତା, ୦୧/୧୨ (ନି.ପ୍ର): ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟକୁ ରାଷ୍ଟ୍ରିୟ ମୂଲ୍ୟାଙ୍କନ ଓ ପ୍ରତ୍ୟାୟନ ପରିଷଦ 'ନାକ' ତରଫରୁ ସ୍ୱତନ୍ତ୍ର ସ୍ୱୀକୃତି 'ବି' ମାନ୍ୟତା ଦିଆଯାଇଛି। ନାକ ପିଅର ଟିମ୍ ର ସ୍ୱତନ୍ତ୍ର ସଦସ୍ୟ ପ୍ରଫେସର ଆର.ଜେ ରାଓ, ପ୍ରଫେସର ସୂର୍ଯ୍ୟକାନ୍ତ ମେହେଟ୍ଟା, ପ୍ରଫେସର ପଙ୍କଜ କୁମାର ଦେବନାଥ ଗତ ୨୨ ଓ ୨୩ତାରିଖ ପରିଦର୍ଶନରେ ଆସି ମହାବିଦ୍ୟାଳୟର ବିଭିନ୍ନ ବିଭାଗ ଅନୁଧ୍ୟାନ କରିଥିଲେ। ଅଧକ୍ଷଙ୍କ ଉପସ୍ଥାପନା, ଲାଇବ୍ରେରୀ ପରିଦର୍ଶନ, ଛାତ୍ରଛାତ୍ରୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ସହ ସାକ୍ଷାତକାର,କ୍ରୀଡ଼ା ବିଭାଗ ଓ ଜିମ୍ ପରିଦର୍ଶନ,ଛାତ୍ରିନିବାସ,ବଟାନିକାଲ ଓ ହାଇଡ୍ରୋଫୋନିକ କୃଷି ପରିଦର୍ଶନ, ବିଭିନ୍ନ ବିଜ୍ଞାନ ବିଭାଗର ଲାବୋରୋଟୋରୀ, କମ୍ପ୍ୟୁଟର ଲ୍ୟାବ୍, ହେଲଥ୍ ସେଣ୍ଟର, ଇନକ୍ୟୁବେସନ ସେଣ୍ଟର, ଷ୍ଟୁଡ଼େଣ୍ଟ ବଜାର ଇତ୍ୟାଦି ପରିଦର୍ଶନ କରିଥିଲେ। ମୂଲ୍ୟାୟନ ପରେ ନୀଳମଣି ମହାବିଦ୍ୟାଳୟକୁ ସ୍ୱତନ୍ତ୍ର ବି ଗ୍ରେଡ୍ ମାନ୍ୟତା ମିଳିଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରା, ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି, ଆଇକ୍ୟୁଏସି କୋର୍ଡ଼ିନେଟର ଚନ୍ଦନ କୁମାର ଦାସ,ନାକ୍ ଷ୍ଟିଅରିଂ କମିଟି ସଦସ୍ୟ ଡ଼. ତପନ କୁମାର ଦାସ, ଲାଖିରାମ ହାଁସଦା, ରୋଜାଲିନ ସ୍ୱାଇଁ,ଡ଼. ଶାନ୍ତନୁ କୁମାର ଜେନା,ଇତିଶ୍ରୀ ମହାନ୍ତ ଓ ନାକ୍ କୋର୍ଡ଼ିନେଟର ଗୌରାଙ୍ଗ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ସାହୁ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ମହାବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଛନ୍ତି। ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ସାମ୍ବାଦିକ ବାଞ୍ଛାନିଧି ଦେ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ଦେବାଶିଷ ମହାପାତ୍ର, ମମତା ସ୍ୱାଇଁ, ମହେନ୍ଦ୍ର ସାହୁ, ସହଦେ୍ୱ ବେହେରା ଓ ସମସ୍ତ ସଦସ୍ୟ ସଦସ୍ୟା ବୃନ୍ଦଙ୍କର ନାକ୍ ପ୍ରସ୍ତୁତିରେ ଯଥେଷ୍ଟ ସହଯୋଗ କରିଥିଲେ। ଏହି ଅବସରରେ ଶୁକ୍ରବାର କଲେଜରେ ଛାତ୍ରୀ ଛାତ୍ର, ଅଧାପିକା ଅଧାପକ, ପୁରାତନ ଛାତ୍ର ସଂସଦ ସମେତ ଅଣଶିକ୍ଷକ କର୍ମଚାରୀ ଖୁସି ମନାଇଥିଲେ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ




ମଙ୍ଗଳପୁର, ୦୧/୧୨ (ନି.ପ୍ର): ଶ୍ରୀନିବାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ୟୁଥ୍ ରେଡ୍ କ୍ରସ୍ ୟୁନିଟ୍ ଓ ରେଡ୍ ରିବନ କ୍ଲବ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ। ୟୁଥ୍ ରେଡ୍ କ୍ରସ କାଉନସିଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଅଧ୍ୟାପକ ଡକ୍ଟର ପଙ୍କଜ କୁମାର ଜେନା, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ସମ୍ବିତ କୁମାର ପଳିତା ନିଜର ବକ୍ତବ୍ୟରେ ଏଡସ ରୋଗର ଲକ୍ଷଣ, କାରଣ, ନିରାକରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ୨୦୩୦ ସୁଦ୍ଧା ଏହି ରୋଗକୁ ସମ୍ପୂର୍ଣ୍ଣ ଭାବରେ ଦୁରେଇଦେବା ପାଇଁ ଗୋଷ୍ଠିସମୂହ ନେତୃତ୍ୱର ଆବଶ୍ୟକତା ଅଛି ବୋଲି ସେମାନେ କହିଥିଲେ। ଜନ ସଚେତନତା ସୃଷ୍ଟି ସହିତ ସୁଚରିତ୍ର ଗଠନ କରିବାପାଇଁ ଉପସ୍ଥିତ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# କଂଗ୍ରେସର ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ସମେତ ଅନ୍ୟାନ୍ୟ ଦାବିରେ କଂଗ୍ରେସ ଆଜି ଶ୍ରୀମନ୍ଦିର ତୁଳସୀ ଯାତ୍ରା କରିଛି । ଶୁକ୍ରବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସାରା ରାଜ୍ୟର ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଂଚାୟତରୁ ଶହ ଶହ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଶ୍ରୀ ଜଗନ୍ନାଥ ମନ୍ଦିରର ସମସ୍ତ ନୀତି ନିୟମକୁ ପାଳନ କରି ତୁଳସୀ ଧରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପହଂଚିଥିଲେ। ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡଃ ଏ. ଚେଲ୍ଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପହଂଚିଲା ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ତୁଳସୀ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ମହାପ୍ରଭୁ ଚତୁର୍ଦ୍ଧାମୂର୍ତିଙ୍କୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ସୁସଜ୍ଜିତ ରଥରେ ନିଆଯାଇଥିଲା। ଏହା ପରେ ପରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କ ଦ୍ୱାରା ଅଣାଯାଇଥିବା ବିଧିମୁତାବକ ସଜ୍ଜ ତୁଳସୀକୁ ବିଭିନ୍ନ ଟୋକେଇରେ କଦଳୀ ପାଟୁ ବାନ୍ଧି ଏକ ସୁସଜ୍ଜିତ ଗାଡ଼ିରେ ଭଜନ ଓ ସଂକୀର୍ତନ କରି ଶ୍ରୀକ୍ଷେତ୍ରକୁ ଶ୍ରୀ ଜଗନ୍ନାଥଙ୍କ ଚରଣ ଲାଗି ନିଆଯାଇଥିଲା। ସାରା ପରିବେଶର ଏକ ଭିନ୍ନ ଭାବାବେଗ ସୃଷ୍ଟି ହୋଇଥିଲା। ରାଜ୍ୟ କଂଗ୍ରେସ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସହିତ ଚାରି ଦ୍ୱାରା ଖୋଲିବା ତଥା ରତ୍ନ ଭଣ୍ଡାର ଗଣତି ମଣୋତି ଓ ମରାମତି ସହିତ ଅନ୍ୟ ଦାବିକୁ ତୁରନ୍ତ ଗ୍ରହଣ କରିବା ପାଇଁ ଆଜି ତୁଳସୀ ଯାତ୍ରା କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭୋଟର ତାଲିକା: ୫.୫୧...

ସେହିପରି କଟକ ଜିଲ୍ଲାରେ ୪୪୭୩୨ଜଣ, ବଲାଙ୍ଗିର ୪୧୫୧୩ଜଣ, ଗଞ୍ଜାମ ଜିଲ୍ଲାରେ ୩୯୨୯୭ଜଣ, ବାଲେଶ୍ୱର ଜିଲ୍ଲାରେ ୩୧୦୦୬ଜଣ, ବରଗଡ଼ ଜିଲ୍ଲାରେ ୨୩୬୮୨ଜଣ ନୂଆ ଭୋଟର ସାମିଲ ହୋଇଛନ୍ତି । ବୌଦ୍ଧରେ ସବୁଠୁ କମ୍ ୪୬୧୦ଜଣ ନୂଆ ଭୋଟର ଯୋଡ଼ି ହୋଇଛନ୍ତି । ଅନ୍ୟପକ୍ଷରେ ଭୋଟର ତାଲିକାରୁ ବରଗଡ଼ ଜିଲ୍ଲାରୁ ସର୍ବାଧିକ ୨୭୪୧୨ଜଣ ଭୋଟର ବାଦ୍ ପଡ଼ିଥିବାବେଳେ ଯାଜପୁର ଜିଲ୍ଲାରେ ୨୩୩୨୯ଜଣ, ବଲାଙ୍ଗିର ଜିଲ୍ଲାରେ ୧୬୯୦୭ଜଣ, ଖୋର୍ଦ୍ଧା ଜିଲ୍ଲାରେ ୧୪୭୭୯ଜଣ, ବାଲେଶ୍ୱର ଜିଲ୍ଲାରେ ୧୧୩୦୦, ଭଦ୍ରକରେ ୧୧୦୩୩ଜଣ ଓ ଗଞ୍ଜାମ ଜିଲ୍ଲାରେ ୧୦୩୨୬ଜଣ ଭୋଟର ବାଦ୍ ପଡ଼ିଛନ୍ତି। ଏ ସମ୍ବନ୍ଧରେ ସବିଶେଷ ସୂଚନା ସମ୍ପୃକ୍ତ ଜିଲ୍ଲାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ବୋଲି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ନଭେମ୍ବର ମାସ ୫,୧୧,୧୯ ଓ ୨୫ତାରିଖ ୪ଦିନ ଧରି ପ୍ରତ୍ୟେକ ବୁଥସ୍ତରରେ ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅଭିଯାନ ଚାଲିଥିଲା। ୨୦୨୪ ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଭାବେ ନିଆଯାଇ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତାବର୍ଷ ଜାନୁୟାରୀ ୫ତାରିଖ ଦିନ ପ୍ରକାଶ ପାଇବ। ଚିଠା ଭୋଟର ତାଲିକା ରାଜ୍ୟର ସମସ୍ତ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ।

## ଉଦ୍ଧାର ଶ୍ରମିକଙ୍କୁ ୨ଲକ୍ଷ ଟଙ୍କା...

ହୋଇଥିବାରୁ ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି । ଆଜି ଯେଉଁ ଶ୍ରମିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ସେମାନେ ହେଲେ- ମୟୂରଭଞ୍ଜର ରାଜୁ ନାୟକ, ଧୀରେନ୍ ନାୟକ ଓ ବିଶେଶ୍ୱର ନାୟକ ଏବଂ ନବରଙ୍ଗପୁରର ଭଗବାନ ଭତ୍ରା । ସେମାନଙ୍କ ପରିବାର ସଦସ୍ୟମାନେ ମଧ ନବୀନ ନିବାସ ଆସିଥିଲେ । ସେମାନଙ୍କ ଘରକୁ ଫେରିବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି । ଏହି ଶ୍ରମିକମାନଙ୍କ ସହ ଗତକାଲି ଭିଡିଓ କନଫରେନ୍ସିଂ ଜରିଆରେ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ କଥା ହୋଇଥିଲେ । ଶ୍ରମ ମନ୍ତ୍ରୀ ଶ୍ରୀ ନାୟକ ଉଦ୍ଧାର ଓଡ଼ିଆ ଶ୍ରମିକଙ୍କୁ ଆଣିବା ପାଇଁ ଉତ୍ତରକାଶୀ ଯାଇଥିଲେ ।

## ଷ୍ଟିଲ ପ୍ଲେଟ ନେବାକୁ ...

ଏହାପରେ ଉକ୍ତ ଜାହାଜରେ କିଛି ବିସ୍ଫୋରକ ପଦାର୍ଥ ବା ବୋମା ଥିବା ଖବର ପ୍ରଚାରିତ ହେଲା। ଗତ ରାତିରେ ଉଓଝରେ, ପାରାଦୀପ ପୁଲିସ୍, ଡଗ୍ ସ୍କ୍ୱାର୍ଡ ଓ କଷ୍ଟମ୍ସ ବିଭାଗ ଅଧିକାରୀ ପହଞ୍ଚିଥିଲେ। ସେମାନେ ସ୍କାନରରେ ଯାଞ୍ଚ କରିବା ପରେ ତାହା ବୋମା ନୁହେଁ ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ଜାହଜକୁ ତନ ତନ କରି ଯାଞ୍ଚ କରାଯିବାରୁ ଆଜି ପର୍ଯ୍ୟନ୍ତ ୨୨ଟି ସନ୍ଦିଗ୍ଧ ପ୍ୟାକେଟ ଜବତ ହୋଇଛି। ପ୍ରତି ପ୍ୟାକେଟର ଓଜନ ୮ରୁ ୧୦ କେଜି ରହିଛି। ପ୍ରତି ପ୍ୟାକେଟରେ ବିପୁଳ ପରିମାଣର ଧଳା ପାଉଡର ରହିଥିବା ବେଳେ ତାହା କିଛି ନିଶା ଦ୍ରବ୍ୟ ବୋଲି ସନ୍ଦେହ କରାଯାଉଥିଲା। ଜବତ ସାମଗ୍ରୀର ଯାଞ୍ଚ ପାଇଁ ଆଜି ଭୁବନେଶ୍ୱରରୁ କଷ୍ଟମ ବିଭାର ବରିଷ୍ଠ ଅଧିକାରୀ ଡ୍ରଗ ଟେଷ୍ଟିଂ କିଟ୍ ସହ ପାରାଦୀପରେ ପହଞ୍ଚିଥିଲେ। ସେମାନେ ସମସ୍ତ ୨୨ ପ୍ୟାକେଟ ଯାଞ୍ଚ କରିବା ପରେ ସେଥିରେ କୋକେନ ଥିବା ସ୍ପଷ୍ଟ କରିଛନ୍ତି। ଜାହାଜରୁ ସମସ୍ତ କର୍ମଚାରୀଙ୍କୁ ବାହାର କରି ଦିଆଯାଇଥିବା ଜଣାଯାଇଛି। ତେବେ ଏହି ଘଟଣାରେ କାହାକୁ ଅଟକ ରଖାଯାଇ ନ ଥିବା ସୂଚନା ମିଳିଛି ।

## ଅଧା ରହିଲା...

ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ପରେ ପୋଡ଼ାମାରୀ ଗାଁରେ ଶୋକର ଛାୟା ଖେଳିଯାଇଛି। କାନ୍ଦବୋବାଳିରେ ଫାଟିପଡୁଛି ଘରଅଗଣା। ସଂପର୍କୀୟ ଓ ପ୍ରିୟଜନଙ୍କୁ ହରାଇ ସମସ୍ତେ ମ୍ରିୟମାଣ ହୋଇପଡିଛନ୍ତି । ଦୁର୍ଘଟଣାରେ ଭ୍ୟାନ୍‌ଟି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। କୁହୁଡ଼ି ଯୋଗୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।୩ ମୃତକ ପୂର୍ବତନ ରାଜ୍ୟସଭା ସାଂସଦ ରେଣୁବାଳା ପ୍ରଧାନଙ୍କ ସମ୍ପର୍କୀୟ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ଘଟଗାଁ ଥାନାରେ ଭ୍ୟାନ ଡ୍ରାଇଭର ଆତ୍ମସର୍ମପଣ କରିଛି। ଘଟଗାଁ ନିକଟରେ ସଡକ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ତିନି ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆହତ ମାନଙ୍କୁ ମଗଣାରେ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିଜେପିର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ମଧ ଘଟଗାଁ ନିକଟରେ ଘଟିଥିବା ସଡକ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ହାଇକମାଣ୍ଡ ଯଦି ନିର୍ଦ୍ଦେଶ...

ହାଇକମାଣ୍ଡ ନିର୍ଦ୍ଦେଶ ଦିଅନ୍ତି ତେବେ ୫ ରାଜ୍ୟର ବିଧାୟକଙ୍କର ଦାୟିତ୍ୱ ନେବାକୁ ମୁଁ ପ୍ରସ୍ତୁତ । ବୁଥ୍ ବାହୁଡା ମତ ଆସିବା ପରେ ୨ ରାଜ୍ୟ ରାଜ୍ୟସ୍ଥାନ, ଛତିଶଗଡ ଓ ମଧ୍ୟପ୍ରଦେଶରେ ଘୋଡାବେପାର ହେବାର ସମ୍ଭାବନା ରହିଛି । ଅଥାର୍ତ ସରକାର ଗଢିବାକୁ ଅନ୍ୟ ଦଳର ବିଧାୟକଙ୍କୁ ନିଜ ସପକ୍ଷରେ ନେବାକୁ ଚାହିଁବେ ଉଭୟ ଦଳ । ଯଦି କୌଣସି ନିର୍ଦ୍ଦିଷ୍ଟ ଦଳକୁ ବହୁମତ ନ ମିଳେ କିମ୍ବା ଉଭୟ ଦଳର ବିଜୟୀ ବିଧାୟକ ସଂଖ୍ୟା ମଧରେ ବେଶି ବ୍ୟବଧାନ ନରୁହେ ତେବେ ଘୋଡାବେପାର ସମ୍ଭାବନାକୁ ଆଦୌ ଏଡାଇ ଦିଆଯାଇନପାରେ । ପୂର୍ବରୁ ମଧ ଏଭଳି ଦେଖିବାକୁ ମିଳିଛି । କିନ୍ତୁ ଏହାପୂର୍ବରୁ ବେଶ ସର୍ତକ ହୋଇ ଉଠିଛି କଂଗ୍ରେସ । କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଡି ଶିବକୁମାର କହିଛନ୍ତି, ୫ ରାଜ୍ୟର ବିଧାୟକଙ୍କ ଦାୟିତ୍ୱ ନେବାକୁ ମୁଁ ପ୍ରସ୍ତୁତ । ବାସ୍ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅପେକ୍ଷା । ପୂର୍ବରୁ କର୍ଣ୍ଣାଟକରେ କଂଗ୍ରେସ ଓ ଜେଡିଏସ ମିଳିତ ଭାବେ ସରକାର ଗଢିଥିବା ବେଳେ ମଧ ଏଭଳି ସ୍ଥିତି ଉପୁଜିଥିଲା । ଦୀର୍ଘଦିନ ଧରି ବିଧାୟକଙ୍କୁ ରିସୋର୍ଟରେ ରଖିଥିଲେ ଡି.କେ ଶିବକୁମାର । ସେହିଭଳି ଗତ କିଛି ମାସ ପୂର୍ବେ ମହାରାଷ୍ଟ୍ରରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ଶିବସେନାର କିଛି ବିଧାୟକ ଉଦ୍ଧବଙ୍କ ବିରୋଧରେ ବିଦ୍ରୋହ କରିବା ପରେ ଆସାମର ଏକ ରିସୋର୍ଟରେ ଡେରା ପକାଇଥିଲେ । ସରକାର ଗଠନ ପାଇଁ ସବୁଜ ସଂକେତ ମିଳିବା ପରେ ଆସାମରୁ ମହାରାଷ୍ଟ୍ର ଫେରିଥିଲେ ଏକନାଥ ସିନ୍ଦେ ।

# ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ


ଜଳେଶ୍ୱର , ୦୧/୧୨ (ନି.ପ୍ର): ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳରେ ଅବସ୍ଥିତ ସାଧୁଚରଣ ଉଚ୍ଚ ମରଧ୍ୟମିକ ବିଦ୍ୟାଳୟରେ ନୂଆ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମରେ ସମନ୍ନିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଛି । ଏହାକୁ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ଅଧ୍ୟକ୍ଷ ତନୁଜ କୁମାର ହୁଇ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟବକ୍ତାଭାବେ ସରପଂଚ ଚନ୍ଦ୍ରକାନ୍ତ ମଲ୍ଲିକ ଓ ସମ୍ମାନୀତ ଅତିଥିଭାବେ ମନୋରଂଜନ ଜେନା, ମନୋରଂଜନ ଦେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜକ ସୁଶାନ୍ତ ସାହୁ ସୂଚନା ପ୍ରଦାନ କରିଥିବା ବେଳେ ସତ୍ୟମୟୀ ଆଚାର୍ଯ୍ୟ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ପରିବେଷଣ ହୋଇଥିବା ବେଳେ ଅଧ୍ୟାପକ ପ୍ରଭାକର ବଲ୍ଲବ ଗୋସ୍ୱାମୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପୂର୍ବରୁ ଚାଫଲା ଛକଠାରୁ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ସଚେତନତା ଲାଗି କଲେଜ ପର୍ଯ୍ୟନ୍ତ ଯାଇଥିଲେ ।

# କଳିଙ୍ଗ ବାଲିଯାତ୍ରାର ପଞ୍ଚମ ସନ୍ଧ୍ୟା




ପାରାଦୀପ, ୦୧/୧୨ (ନି.ପ୍ର): ଆଜି ଥିଲା କଳିଙ୍ଗ ବାଲିଯାତ୍ରା ର ପଞ୍ଚମ ସନ୍ଧ୍ୟା । ଦିନ ବଢିବା ସହ ଦର୍ଶକଙ୍କ ସଂଖ୍ୟା ମଧ ବଢ଼ି ଚାଲିଛି । ଗୁରୁବାର ବାର ଥିବାରୁ ରାଜସ୍ଥାନି ଫୁଡ ଷ୍ଟଲରେ ଅଧିକ ଗହଳି ଜମିଥଲା ।ଶୀତୁଆ ସନ୍ଧ୍ୟାରେ ସିଝା ମକା ସାଙ୍ଗକୁ ସୁପର ମଜା ନେଉଛନ୍ତି ଦର୍ଶକ । ଛୋଟ ଛୋଟ ପିଲାମାନେ ଆଇସକ୍ରିମ ସହ କୁଲଫି ଖାଇବାକୁ ଭୁଲୁନାହାନ୍ତି । ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ବାଲିଯାତ୍ରା କୁ ଅଧିକ ଆକର୍ଷଣୀୟ କରୁଛି। ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ର ମଜା ଭରପୁର ଉଠାଉଛନ୍ତି ଦର୍ଶକ। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସି ନିଜ ପସରା ମେଲାଇ ଛନ୍ତି ।ଏହା ସହ ବିଭିନ୍ନ ପ୍ରାନ୍ତରୁ ଆସିଥିବା ହସ୍ତ ଶିଳ୍ପର ସାମଗ୍ରୀର ଢେର ଚାହିଦା ରହିଛି । ଆଜିର ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ଜେଏସଡବ୍ଲୁ ଉପସଭାପତି (ପ୍ରଶାସନିକ) ଧନେଞ୍ଜୟ କୁମାର ସିହ୍ନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଆ କାର୍ବନ ଲିମିଟେଡ ର ସାଧାରଣ ପରିଚାଳକ ଏ ଭେନୁଗୋପାଳ ନାଇଡୁ ଓ ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ର ମୁଖ୍ୟ ସାଧାରଣ ପରିଚାଳକ ବିଆର ମଲ୍ଲିକ ଯୋଗ ଦେଇଥିଲେ। ପାରାଦୀପ ବନ୍ଦର ର ଉପାଧାକ୍ଷ ନୀଳାଦ୍ରି ଦାସଗୁପ୍ତା ସଭାପତିତ୍ୱ କରିଥିଲେ ।ଏହି ବାଲିଯାତ୍ରା କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ମାନ ନିଆଯାଉଛି।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା



ବାଲେଶ୍ୱର, ୦୧/୧୨ (ନି.ପ୍ର): ରାଜ୍ୟ ରେ ସାମ୍ବାଦିକ ସୁରକ୍ଷା ନେଇ ରାଜ୍ୟ ଉତ୍କଳ ସାମ୍ବାଦିକ ସଙ୍ଘ ଡାକରା ରେ ସମସ୍ତ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିବାବେଳେ ବାଲେଶ୍ୱର ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଶାଖା ପକ୍ଷରୁ ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ବିଶେଷ କରି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ସହ ଅନ୍ୟ ରାଜ୍ୟ ପରି ଓଡିଶାରେ ବୟସ୍କ ସାମ୍ବାଦିକ ମାନଙ୍କୁ ପେନସନ୍ ପ୍ରଦାନ, ଅଧିଶିକୃତି କମିଟି ପୁନର୍ଗଠନ, ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଅଧିଶ୍ରୀକୃତି ପ୍ରଦାନ, ପ୍ରବର୍ତ୍ତିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ସହ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନିର୍ଭରଶୀଳ ସନ୍ତାନ ମାନଙ୍କୁ ସାମିଲ, ଭୁବନେଶ୍ୱରରେ ପ୍ରେସ୍ ଏକାଡେମୀ ଗଠନ ସହ ଏକାଡେମୀ କାର୍ଯ୍ୟାଳୟର ସ୍ଥାପନ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ଦିଆଯାଇ ଥିଲା ।ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ପ୍ରସାଦ ବାରିକ ଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ଲୋକନାଥ ଦଳେଇ, ଜିଲ୍ଲା କାର୍ଯକାରୀ ସମ୍ପାଦକ ତ୍ରିଲୋଚନ ଉପାଧ୍ୟାୟ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ଆଚାର୍ଯ୍ୟ, ଜଳେଶ୍ୱର ବ୍ଲକ ସଭାପତି ମନୋଜ ଭୂୟାଁ, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ପାତ୍ର, ମଧୁସୂଦନ ଗିରି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମନରୋଞ୍ଜନ ପ୍ରଧାନ, ସନ୍ୟାସୀ ବେହେରା, ଜିଲ୍ଲା ସଂଗଠନ ସମ୍ପାଦକ ସଞ୍ଜୟ ସାମନ୍ତ, ଜିଲ୍ଲା ଉପ ସଭାପତି ଜୀବନ ଜ୍ୟୋତି ବାରିକ, ଜୀବନ ନାୟକ, ଆତ୍ମାନନ୍ଦ ଦାସ, ଉପଦେଷ୍ଟା ଗଗନ ସେଠୀ, ସୁଧାଂଶୁ ଶେଖର ବାରିକ, ଅଶୋକ ପ୍ରଧାନ, ରାଜକିଶୋର ମଲ୍ଲିକ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଭଗବାନ ଦାସ, ନିହାର ଜେନା, ବିଜୟ ପ୍ରଧାନ, ଖଗେଶ୍ୱର ପର୍ମଣି, ବଳରାମ ଲେଙ୍କା, ସଞ୍ଜୟ ମହାଳିକ, ଖଗେନ୍ଦ୍ର ନାୟକ, ମାନସ ମହାପାତ୍ର । ଭୋଗରାଇ ସଭାପତି ସୁରେଶ ମହାନ୍ତି,ଔପଦା ସଭାପତି ଅଜୟ କୁମାର ପଣ୍ଡା, । ସଦର ସଭାପତି ଶରତ କୁମାର ବାରିକ ଓ ମିଡିଆ ସଂଯୋଜିକ ଜୟଶ୍ରୀ ବେହେରା, ବିଭୂତି ଭୂଷଣ ବେହେରା,ଜଗନ୍ନାଥ ସିଂ, ସୁଦୀପ୍ତ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ଦିପୁ ଦାସ, ବିରେନ୍ଦ୍ର ରାଉତ, ବଳରାମ ଲେଙ୍କା , ଖଗେନ୍ଦ୍ର ନାୟକ ପ୍ରମୁଖ ଦାବି ସମ୍ପର୍କ ରେ ନିଜ ନିଜ ର ମତା ମତ ଦବା ସହିତ ସରକାର ସାମ୍ବାଦିକ ମାନ ଙ୍କରଦାବି ଗୁଡ଼ିକ ପୂରଣ ପାଇଁ ଦାବି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୨ଗୋଟି ବ୍ଲକ୍ ରୁ ୫୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ । ପରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦଳେଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ପତ୍ର ପ୍ରଦାନ କରିଥିଲେ ।

# ଅଶୋଧିତ ତୈଳଦରରେ ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ କଲେ ସରକାର

ନୂଆଦିଲ୍ଲୀ, ୦୧/୧୨ (ନି.ପ୍ର): ଦେଶରେ ଉତ୍ପାଦିତ ଅଶୋଧିତ ତୈଳ ଦର ଉପରେ ଅପ୍ରତ୍ୟାଶିତ ଲାଭ କର ହ୍ରାସ କରିଛନ୍ତି ସରକାର । ଘରୋଇ ଅଶୋଧିତ ତୈଳ ଉପରେ ଟନ୍ ପିଛା ୧,୩୦୦ ଟଙ୍କା ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ କରିଛନ୍ତି । ଏହାପୂର୍ବରୁ ସରକାର ନଭେମ୍ବର ୧୬ରେ ଅଶୋଧିତ ତୈଳ ଉପରେ ୱିଣ୍ଡଫଲ ଟ୍ୟାକ୍ସ ହ୍ରାସ କରିଥିଲେ । ନୂଆଦର ଆଜିଠାରୁ ଲାଗୁ ହୋଇଛି । ସରକାରଙ୍କ ମୁତାବକ ଦେଶରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ପ୍ରତି ଟନରେ ୬୩୦୦ ଟଙ୍କାରୁ ହ୍ରାସ କରାଯାଇ ୫,୦୦୦ ଟଙ୍କା କରାଯାଇଛି । ଏହାପୂର୍ବରୁ ନଭେମ୍ବର ୧୬ରେ ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ୯୮୦୦ରୁ ୬୩୦୦ ଟଙ୍କାକୁ ହ୍ରାସ କରାଯାଇଥିଲା ।

# ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ସୁଧାର ଜରୁରୀ: ପୂର୍ବତନ ସାଂସଦ ଶ୍ରୀଯୁକ୍ତ ସାଲଖାନ ମୁର୍ମୁ



ବାରିପଦା , ୦୧/୧୨ (ନି.ପ୍ର): ଆଜି ବାରିପଦା ଲୟନ୍ସ କ୍ଲବ ଠାରେ ପୂର୍ବତନ ସାଂସଦ ତଥା ଆଦିବାସୀ ସେଙ୍ଗେଲ ଅଭିଯାନର ଆବାହକ ସାଲଖାନ ମୁର୍ମୁ ଏକ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ସୁଧାର ଜରୁରୀ ବୋଲି କହିଛନ୍ତି। ଭାରତର ହିନ୍ଦୁ ସମାଜରେ ଅତୀତରେ ସତୀଦାହ ପ୍ରଥା ପ୍ରଚଳିତ ଥିବା ବେଳେ, ରାଜା ରାମମୋହନ ରାୟଙ୍କ ନିରନ୍ତର ଉଦ୍ୟମ ଏବଂ ବ୍ରିଟିଶ ସରକାରଙ୍କ ସହଯୋଗରେ ୧୮୨୯ ମସିହାରେ ଏକ ଆଇନ ତିଆରି କରି ଏହି ଘୃଣ୍ୟ ପ୍ରଥକୁ ବନ୍ଦ କରାଯାଇଥିଲା। ସେହିଭଳି ଆଦିବାସୀ ଗ୍ରାମ ସମାଜରେ ଡାଣ୍ଡମ (ମନ ଇଚ୍ଛା ଜୋରିମାନା କରିବା), ବାରଣ (ସାମାଜିକ ବହିଷ୍କାର କରିବା), ଡାନପାନ୍ତେ (ଡାହାଣୀ ଖୋଜିବା), ଆଦି ଅନ୍ଧ ବିଶ୍ୱାସ ପ୍ରଥା ବା ପରମ୍ପରା ଭାବରେ ଜାରି ରହିଛି। ଯାହା ସମ୍ବିଧାନ ଏବଂ ମାନବ ଅଧିକାରକୁ ଉଲଂଘନ କରୁଛି। ଏହାକୁ ସଞ୍ଚାଳନ କରିବା ବ୍ୟକ୍ତି ହେଉଛନ୍ତି ଆଦିବାସୀ ସ୍ୱଶାସନ ବ୍ୟବସ୍ଥାର ପ୍ରତିନିଧି ଅର୍ଥାତ ମାଝୀ ପାର୍ଗାନା ବା ଗ୍ରାମ ମୁଖିଆ ମାନେ। ଏହି ବ୍ୟବସ୍ଥା ଅଦ୍ୟାବଧି ବଂଶନୁଗତିକ ଭାବେ ରାଜତାନ୍ତ୍ରୀକ ଉପାୟରେ ଚାଲିଥିବାରୁ ଏଥିରେ ସୁଧାର ଆସୁନାହିଁ। ଏଣୁ ପ୍ରତ୍ଯେକ ଆଦିବାସୀ ଗ୍ରାମ ସମାଜରେ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ପ୍ରଥା, ମହିଳା ବିରୋଧୀ ମାନସିକତା ଆଦି ବନ୍ଦ କରିବାକୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ଆଣିବା ଜରୁରୀ ବୋଲି ସେ କହିଛନ୍ତି. ବର୍ତ୍ତମାନ ଭାରତୀୟ ସମ୍ବିଧାନର ମୁଖ୍ୟ ରାଷ୍ଟ୍ରପତି ଭାବରେ ଆଦିବାସୀ ସମ୍ପରଦାୟର ଜଣେ ମହିଳା ମହାମହିମ ଦ୍ରୌପଦୀ ମୁର୍ମୁ ଆସୀନ ଥିବାରୁ ଶ୍ରୀ ମୁର୍ମୁ ଏଦିଗରେ ତାଙ୍କର ହସ୍ତକ୍ଷେପ ଜରୁରୀ ବୋଲି କହିଛନ୍ତି। ଆଦିବାସୀ ସଶକ୍ତିକରଣ ପାଇଁ ଆଦିବାସୀ ସେଙ୍ଗେଲ ଆଭିଯାନ ସଂଘର୍ଷ ଜାରିରଖିଥିବା ବେଳେ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିବା ସହିତ ଏହାକୁ ସୁଧାର କରିବା ପାଇଁ ଦାବି କରିଛନ୍ତି।

ଶନିବାର, ଡିସେମ୍ବର ୦୨, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖଇରା କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା,୧/୧୨(ନି.ପ୍ର)ବାଲେଶ୍ୱର ଜିଲା ଅନ୍ତର୍ଗତ ଖ୍ୟାତି ସମ୍ପର୍ଣ୍ଣ ଖଇରା କଲେଜର ଅଧ୍ୟକ୍ଷ ଅରୁଣ କୁମାର ପାଢୀ ଓ ଓଡିଆ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନବ ନିଯୁକ୍ତ ଅଧ୍ୟକ୍ଷ କମଳାକାନ୍ତ ପତିଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପରିଚାଳନା ବୋର୍ଡ ସଭାପତି ମୁକ୍ତିକାନ୍ତ ଶତପଥି,ଅଧ୍ୟାପକ ବନମାଳି ବାରିକ ପ୍ରମୁଖ ବିଦାୟୀ ଅଧକ୍ଷ ଓ ପକ୍ଷାଘାତରେ ପିଡିତ ଅଧ୍ୟାପକ ଶ୍ରୀ ନାୟକଙ୍କ ଛାତ୍ରବତ୍ସଳତା,ଅନୁଷ୍ଠାନ ପ୍ରିତି,ତ୍ୟାଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ପେଶାରେ ଜଣେ ଶିକ୍ଷକ ହୋଇଥିଲେ ହେଁ ଜଣେ ଭଲ ପ୍ରବଚକ ଭାବେ ଓଡିଶାରେ ବେଶ ପରିଚିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର,ଉମେଶ ଚନ୍ଦ୍ର ନାୟକ,ପୂର୍ବତନ ଅଧ୍ୟାପକ ଛାୟାକାନ୍ତ ମାଝୀ ଓ ପ୍ରବୋଧ ମହାପାତ୍ର,ଅଧ୍ୟାପକ ଗୋପବନ୍ଧୁ ମହାପାତ୍ର,ନିରଞ୍ଜନ ପଣ୍ଡା,ଯୁଗଳ କିଶୋର ଗାହାଣ, ମୁଖ୍ୟ କିରାଣୀ ସୁଜିତ କୁମାର ଛାଟୋଇ ପ୍ରମୁଖ ୨ ବିଦାୟୀ ବ୍ୟକ୍ତି ବିଶେଷଙ୍କ କଲେଜ ଓ ସମାଜପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ଲକ୍ଷ୍ମୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଅଧ୍ୟାପକ ଶ୍ରୀନାୟକଙ୍କ ଅନୁପସ୍ଥିତରେ ତାଙ୍କର ଜ୍ୟେଷ୍ଠା କନ୍ୟା ଶ୍ରୀମା ନାୟକ ଉପଢୌକନ ଓ ମାନପତ୍ର ଗ୍ରହଣ କରିଥିଲେ । ସେହିଭଳି



ଅଧ୍ୟକ୍ଷ ଓ ତାଙ୍କ ପତ୍ନୀ କବିତା ପାଢୀଙ୍କୁ ଛାତ୍ରଛାତ୍ରୀ ମାନେ ସମ୍ବର୍ଦ୍ଧୀତ କରିଥିଲେ ।

## ଜାନୁୟାରୀ ୨ରୁ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା

ଭୁବନେଶ୍ୱର, ୦୧/୧୨ (ନି.ପ୍ର): ଆସନ୍ତା ଜାନୁୟାରୀ ୨ ତାରିଖରୁ ଆରମ୍ଭ ହେବ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା। ଜାନୁୟାରୀ ୨ ତାରିଖରୁ ୧୨ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ହେବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଥିଓରୀ ପରୀକ୍ଷାର ତାରିଖ ପରେ ଘୋଷଣା ହେବ। ତେବେ, ଥିଓରୀ ପରୀକ୍ଷା ଫେବୃୟାରୀ ୧୬ରୁ ହେବା ସମ୍ଭାବନା ରହିଛି।

## ଜନ ଅଦାଲତ ବସାଇ ଉପସରପଂଚଙ୍କୁ ହତ୍ୟାକଲେ ନକ୍ସଲ

କାଂକେର/ରାୟପୁର, ୦୧/୧୨ (ନି.ପ୍ର): ଜନ ଅଦାଲତ ବସାଇ ଉପସରପଂଚଙ୍କୁ ହତ୍ୟା କରିଛନ୍ତି ନକ୍ସଲ । ନକ୍ସଲ ମାନେ ପୋଷ୍ଟର ଜାରୀ କରି ଘଟଣା ପାଇଁ ନିଜକୁ ଦାୟୀ କରିଛନ୍ତି । ଏଭଳି ଏକ ହିଂସାକାଣ୍ଡ ଘଟିଛି କାଂକେର ଜିଲ୍ଲାରେ । ୨ ଡିସେମ୍ବରରୁ ପିଏଲଜିଏ ସପ୍ତାହ ପାଳନ କରିବାକୁ ଯାଉଛନ୍ତି ନକ୍ସଲ । ଏହା ପୂର୍ବରୁ ଘଟିଛି ଏହି ହିଂସାକାଣ୍ଡ । ଗୁରୁବାର କାଂକେର ଜିଲ୍ଲାର ଛୋଟେ ବେଠିୟା ଏବଂ ବାନ୍ଦେ ଥାନା ଅଂଚଳରେ ନକ୍ସଲଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଜନ ଅଦାଲତ ବସାଇ ସେମାନେ କଂଦାଣ୍ଡି ଗ୍ରାମର ଉପ ସରପଂଚ ରାମସୁ କଚଲାମିଙ୍କୁ ହତ୍ୟା କରିଛନ୍ତି । ଏଥି ସହିତ ପିହି ୬୨ ରେ ଏକ ମୋବାଇଲ୍ ଟାୱାରରେ ନିଆଁ ଲଗାଇ ଦେଇଛନ୍ତି । କାଂକେର ପୋଲିସ କହିଛି ଯେ, ଏନେଇ ସୂଚନା ମିଳିଥିବା ବେଳେ ଘଟଣାର ତଦନ୍ତ ଚାଲିଛି।

## ପାରାଦୀପ ବନ୍ଦର ଚିକିତ୍ସାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ

ପାରାଦୀପ, ୦୧/୧୨ (ନି.ପ୍ର): ପାରାଦୀପ ବନ୍ଦର ଚିକିତ୍ସାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି । ଏଡସ୍ ଦିବସ ଅବସରରେ ମୁଖ୍ୟ ଅତିଥିଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଯୋଗ ଦେଇ ସଚେତନତା ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବନ୍ଦର ଚିକିତ୍ସାଳୟ ପରିସରରୁ ଏହି ସଚେତନତା ରାଲିରେ ବାହାରି ମଧୁବନସ୍ଥିତ ପୋର୍ଟ ଅଫିସର୍ସ କ୍ଲବ୍ ନିକଟରେ ଶେଷ ହୋଇଥିଲା । ସତର୍କତା ଅବଲମ୍ବନ କଲେ ଏଡସ୍ କୁ ଆମେ ଦୂରେଇ ପାରିବା ବୋଲି ବକ୍ତବ୍ୟ ରଖିଥିଲେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ । ଏଥି ନିମନ୍ତେ ସେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ସଚେତନତା ରାଲିରେ ବନ୍ଦର ବିଭାଗୀୟ ମୁଖ୍ୟ, ଚିକିତ୍ସାଳୟର କର୍ମଚାରୀ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ, ସିଆଇଏସଏଫର ଜବାନ, ଏଡସ୍ ସଚେତନାତା ଉପରେ କାର୍ଯ୍ୟ କରୁଥିବା ଏନଜିଓ ଓ ତୃତୀୟ ଲିଙ୍ଗମାନେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦର ଗେଟ୍ ନମ୍ବର-୩ ନିକଟରେ ୬୩ଜଣଙ୍କର ଟ୍ରକ ଚାଳକଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେବି ପଜିଟିଭ୍ ଚିହ୍ନଟ ହୋଇ ନଥିବା ନେଇ ପାରାଦୀପ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି ।



## ସ୍ୱର୍ଗତ ଅରୁଣ ବେଜ ମାନବବାଦର ପ୍ରତୀକ ଥିଲେ : ସ୍ମୃତିଚାରଣ ସଭାରେ ଶ୍ରଦ୍ଧାଞ୍ଜଳୀ

ଜଳେଶ୍ୱର , ୦୧/୧୨ (ନି.ପ୍ର): ଆଜି ଅପରାହ୍ନରେ ବିଶିଷ୍ଟ ସାରସ୍ୱତ ସାଧକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ୱର୍ଗତ ଅରୁଣବେଜଙ୍କ ସ୍ମୃତିଚାରଣ ସଭା ତାଙ୍କ ମିଲବାଡିସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଲେଲିନ୍‌କୁମାର ପ୍ରଧାନ ସଂଚାୟତ କରିଥିଲେ । ଏଥିରେ ବାଲେଶ୍ୱର ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବା ବେଳେ ବିଷ୍ଣୁପଦ ମହାନ୍ତି, ସୁଭ୍ରାଂଶୁ ଶେଖର ଦାସମହାପାତ୍ର, ଶ୍ୟାମାଚରଣ ବେହେରା, ପଂଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ ପ୍ରଧାନ, ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ଦିବ୍ୟକାମ ମହାନ୍ତି, ଖଗେନ୍ଦ୍ର ସାହୁ, ଭାଗବତ ପରିଡା, ଦିଲ୍ଲିପ ଗିରି, କପିଳେଶ୍ୱର ମହାନ୍ତି, ଧ୍ରୁବଚରଣ ନାୟକ, ଇଂ ରତ୍ନାକର ବେହେରା, ଦିଲ୍ଲିପ ଦାସ, ସମୀର ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ଶରତ ପରିଡା, ମନୋଜ ସାସମଲ, ତପନ ବିଶ୍ୱାଳ, ଶିତାଂଶୁ ସେନାପତି, ବନମାଳି ଧଳ, ଡ. ପଦ୍ମଲାଭ ପ୍ରଧାନ, ସୁଶାନ୍ତ କୁମାର ଦେ, ମଧୁସୂଦନ ସେନାପତି, ମୁକୁନ୍ଦ ଜେନା, ସମରେଶ ଦିନ୍ଦା, ସଂଜିବ ପାଳ, ପ୍ରଫୁଲ୍ଲ ଦାସ, ବିଜୟ କାମିଲା, ଚିନ୍ମୟ ଦାସ, ସୁଧିର ମହାନ୍ତି, ଅବନୀ ଚାନ୍ଦ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଅତୀତ ଦିନର ସ୍ମୃତିଚାରଣ କରିଥିଲେ । ପୁରୀ ଶଂକରାଚାର୍ଯ୍ୟ ମଠରୁ ଆଜ୍ଞାମାଳ ଧରି ମାତୃପ୍ରସାଦ ମିଶ୍ର ଅରୁଣବାବୁଙ୍କ ଘରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବଡପୁଅ ସତ୍ୟଜିତ୍ ସୂଚନା ପ୍ରଦାନ କରିଥିବା ବେଳେ ସାନପୁଅ ବିଶ୍ୱଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ । ଭାଇ ଅଶ୍ୱନୀ ଓ ପରିବାରବର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ, ୦୧/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ନୂଆ ଓଡ଼ିଶା ଯୋଜନା କାର୍ଯ୍ୟକ୍ରମରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ପ୍ରାତଃ ୭.୩୦ ମିନିଟ୍‌ରେ ମହାବିଦ୍ୟାଳୟ କ୍ରୀଡାଙ୍ଗନାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଭଦ୍ରକ ମହାବିଦ୍ୟାଳୟର ପରିଚାଳନା କମିଟିର ଅଧକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଅଧକ୍ଷ ଦାୟିତ୍ୱରେ ଥିବା ବରିଷ୍ଠ ସହଯୋଗୀ ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାସ, ୧୦ନଂ କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ, ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ , ଅଜିତ୍ କୁମାର ଦାସ, ଜିଲା ନୋଡାଲ ଅଫିସର ଡ. କମଳାକାନ୍ତ ଜେନା, କୋଅଡିନେଟର ମୃତ୍ୟୁଞ୍ଜୟ ଦାସ, ତପନ କୁମାର ମଲ୍ଲିକ ଓ ପି.ଇଟି ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଠାରୁ କ୍ରୀଡା ମଶାଲ ଗ୍ରହଣ ପୂର୍ବକ ପତାକା ଉତ୍ତୋଳନ କରି ଶୁଭ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବ । ଏଥିରେ ୧୦୦ ମିଟିରରୁ ଆରମ୍ଭ କରି ୫୦୦୦ ମିଟର ପର୍ଯ୍ୟନ୍ତ ଦୌଡ ପ୍ରତିଯୋଗିତା, ଲମ୍ଫଡିଆ, ଉଚ୍ଚଡିଆଁ, ଜାଭେଲିନ୍ ଥ୍ରୋ, ସଟଫୁଟ୍, ଡିସକସ୍, ରିଲେ ରେସ୍, କ୍ୟାରମ୍, ଚେସ୍, ବ୍ୟାଡମିଣ୍ଟନ, କ୍ରିକେଟ୍ ଭଳି ବହୁ ଖେଳରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କର ପାରଦର୍ଶିତା ଦେଖାଇବେ । ବିଭିନ୍ନ ଖେଳରେ ବିଜୟୀ ଲାଭ କରୁଥିବା ଛାତ୍ରଛାତ୍ରୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ । ତେବେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମର ଧାରା ବିବରଣୀ ଡ. ସନ୍ତୋଷ କୁମାର ସେଠୀ ଦେଇଛନ୍ତି । ଡ. ସଂଜୟ କୁମାର ଦତ୍ତ, ସସ୍ମିତା ଧଳ, ଡ. ପଦ୍ମନାଭ ପତ୍ରୀ, ସୁଦର୍ଶନ ଦାଶ, ଡ. ସ୍ମୃତିରେଖା ମିଶ୍ର, ଡ. ଅଶୋକ ଦାଶ, ସୁଶାନ୍ତ କୁମାର ମଲ୍ଲିକ, ଡ. କେ. ବେଗମ୍, ଡ. ମନୋରମା ନାୟକ, ଡ. ସସ୍ମିତା ଶତପଥୀ ଏବଂ ଲୋପାମୁଦ୍ରା ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।




## ଜନଦାବିରେ ସିଭିଲ୍ ସୋସାଇଟି ପକ୍ଷରୁ ଦୁଇଟି ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୦୧/୧୨ (ନି.ପ୍ର): ଉତ୍ତର ଓଡ଼ିଶାରେ ବିଦ୍ୟୁତ୍ ବିରତଣ ସଂସ୍ଥାର ବିଜୁଳି ଯୋଗାଣ ଓ ଗ୍ରାହକମାନଙ୍କୁ ଆର୍ଥିକ ଶୋଷଣ ପ୍ରଭୃତି ଅଭିଯୋଗ କରି ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅଭିଯୋଗଗୁଡ଼ିକ ସଂପର୍କରେ ସୋସାଇଟିର ପ୍ରତିନିଧି ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ସଚଳ ବିଦ୍ୟୁତ୍ ମିଟରକୁ ବଦଳ କରିବା, ଘରେ ବ୍ୟବହୃତ ହେଉନଥିବା ବିଦ୍ୟୁତ୍ ଉପକରଣଗୁଡ଼ିକୁ ହିସାବ କରି ଜୋରିମାନା ଆଦାୟ ପ୍ରଭୃତିକୁ ବିରୋଧ କରି ଗ୍ରାହକମାନଙ୍କୁ ଓଡ଼ିଆଭାଷାରେ ବିଦ୍ୟୁତ୍ ବିଲ୍ ଦେବାକୁ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା ସମାଧାନ ନହେଲେ ସିଭିଲ୍ ସୋସାଇଟି ନେତୃତ୍ୱରେ ବିଦ୍ୟୁତ୍ ଗ୍ରାହକମାନେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି । ଦାବିପତ୍ର ଗ୍ରହଣ କରି ଏହିସବୁ ଅଭିଯୋଗ ଉପରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ କର୍ତ୍ତୃପକ୍ଷ ଓ ସୋସାଇଟି ପ୍ରତିନିଧିମାନଙ୍କର ଏକ ମିଳିତ ବୈଠକ ତୁରନ୍ତ ଆହ୍ୱାନ କରି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ସଂପର୍କରେ ସିଭିଲ୍ ସୋସାଇଟି ପକ୍ଷରୁ ସୂଚନା ଦିଆଯାଇଛି । ସୋସାଇଟି ପକ୍ଷରୁ ଅନ୍ୟ ଏକ ଦାବିପତ୍ର ବାଲେଶ୍ୱର ଉପଜିଲ୍ଲାପାଳ ତଥା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ବାଲେଶ୍ୱରର ପ୍ରଥମ ଉଡ଼ନ୍ତା ପୋଲ ମରମତି ପରେ ପୋଲତଳର ସୁରକ୍ଷା ପାଇଁ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ରେଳଲାଇନ୍‌ର ଉଭୟ ପଟରେ ଥିବା ପୋଲତଳେ ବ୍ୟାୟାମ ପାଇଁ ଜିମ୍ ଓ ପାର୍କିଂ ସ୍ଥାନ ଭାବେ ଏବଂ ଅନ୍ୟସ୍ଥାନରେ ଘାସ କିମ୍ବା ଗୁଳ୍ମର ସବୁଜ ଅଞ୍ଚଳ ସୃଷ୍ଟି ପାଇଁ ଅନୁରୋଧ କରାଯାଇଛି । ସେହିପରି ସହରରେ ଥିବା ଡ୍ରେନ୍‌ରେ ମଶା ତେଲ କିମ୍ବା ଧୂଆଁ ପ୍ରୟୋଗ କରାଯାଉନଥିବାରୁ ମଶା ପ୍ରାଦୁର୍ଭାବ ବୃଦ୍ଧିପାଇଛି । ଏଣୁ ଏହାର ନିରାକରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଦାବିପତ୍ରରେ ଅନୁରୋଧ କରାଯାଇଛି । ଜନସମସ୍ୟା ସମ୍ବଳିତ ଉଭୟ ଦାବିପତ୍ର ପ୍ରଦାନ ବେଳେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ କୁମାର ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସମେତ ମଦନ ପଣ୍ଡା, ସୀତାରାମ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ସେନାପତି, ସ୍ନେହଲତା ଦାସ, ଭରତ ଚନ୍ଦ୍ର ଲେଙ୍କା, ସଞ୍ଜିତ୍ କୁମାର ପତି, ମଦନମୋହନ ମିଶ୍ର, ଜୟନ୍ତ କୁମାର ପରିଡ଼ା, ବିଜୟ ବେହେରା, ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା ଓ ଯଶୋଦାନନ୍ଦନ ଆଶ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ପଶୁପାଳନ ଦେଉଛି ଭଲ ରୋଜଗାର : ନୂଆସାହି ଗ୍ରାମବାସୀ




ଉଦଳା , ୦୧/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଝାଟିଅଡ଼ା ପଂଚାୟତର ନୂଆସାହି ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ସ୍ୱେଚ୍ଛାସେବି ସଂଗଠନ 'ଉନ୍ନୟନ' ତରଫରୁ 'ହାଇଫର' ସହଯୋଗରେ ଆରମ୍ଭ ହୋଇଛି କୁକୁଡ଼ା ଓ ଛେଳି ଚାଷ । ଘରେ ଘରେ ଲୋକେ କୁକୁଡ଼ା ଓ ଛେଳି ଚାଷ କରିବା ସହ ବେଶ ଦୁଇ ପଇସା ରୋଜଗାର କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । କୁକୁଡ଼ା ଓ ଛେଳିଙ୍କର ଉପଯୁକ୍ତ ଯତ୍ନ ଏବଂ ରୋଗ ଦାଉରୁ ମୁକ୍ତି ପାଇଁ ଔଷଧ ସ୍ୱେଚ୍ଛାସେବି ସଂଗଠନ 'ଉନ୍ନୟନ' ତରଫରୁ ଯୋଗାଇ ଦିଆଯାଉଛି । ସେହିପରି କୁକୁଡ଼ା ଓ ଛେଳିଙ୍କ ଖାଦ୍ୟ 'ଅଜୋଲା' ମଧ ଲୋକେ ଘରେ ଘରେ ଚାଷ କରୁଛନ୍ତି । ମୋଟାମୋଟି ଭାବରେ ଏ କ୍ଷେତ୍ରରେ ନୂଆସାହି ଗ୍ରାମ ସମଗ୍ର ଜିଲ୍ଲାପାଇଁ ଉଦାହରଣ ସୃଷ୍ଟି କରିଛି । ନିକଟରେ ଉଦଳାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ 'ଶୋଭା' ର ସ୍ୱେଚ୍ଛାସେବୀ ମାନେ ଏହି ଗ୍ରାମକୁ ପରିଦର୍ଶନରେ ଯାଇଥିଲେ । ସେଠାରୁ ଫେରି ଉଦଳା ବ୍ଲକ ଅଂଚଳ ମଧରେ ଏହି ଭଳି ଗ୍ରାମଟିଏ ସୃଷ୍ଟି କରିବା ପାଇଁ ସ୍ୱେଚ୍ଛାସେବୀ ମାନେ ଉଦ୍ୟମ ଆରମ୍ଭ କରିଥିବାର ଜଣାଯାଇଛି । କବିତା ରାଣୀ ସିଂ ଓ ସୁରାଏ ମୁର୍ମୁ ଏହାର ନେତୃତ୍ୱ ନେଉଥିବାର ଜଣାଯାଇଛି ।

## ନୀଳଗିରିର ବିଭିନ୍ନ କଲେଜ ଓ ଶିକ୍ଷାନୁଷ୍ଠାନରେ ଭିନ୍ନଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୧/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଯୁବ ବିକାଶ କାର୍ଯ୍ୟକ୍ରମ ମାଧମରେ ପ୍ରତ୍ୟେକ କଲେଜ ମାନଙ୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ଉପଲକ୍ଷେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ ରେଡ଼କ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ଏଡ଼ସ ଦିବସ ପରିପ୍ରେକ୍ଷୀରେ ଏଡ଼ସ ଭଳି ମହାମାରୀକୁ କେବଳ ସଚେତନ ରହିଲେ ଦୂରେଇ ଦିଆ ଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଡ଼ସ ସମ୍ପର୍କିତ ବିଷୟ ବିଶେଷଜ୍ଞ ଭାବରେ ନୀଳଗିରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶେଷଜ୍ଞ ଡ଼କ୍ଟର ଶୁଭ୍ରାଂଶୁ ଶେଖର ପରିଡା ଏବଂ ସାରା ଓଡ଼ିଶାରେ ଶ୍ରେଷ୍ଠ ରକ୍ତଦାତା ଭାବରେ ଜଣାଶୁଣା ୮୭ବର୍ଷୀୟ ବାଲେଶ୍ୱରର ବରିଷ୍ଠ ରକ୍ତଦାତା ଶେଖ ହୁସେନ ଯୋଗଦାନକରି ରକ୍ତଦାନ ମହତ ଦାନ, ରକ୍ତଦାତା ସିଧାସଳଖ ଈଶ୍ୱରଙ୍କ ସହ ସମ୍ପର୍କ ସ୍ଥାପନ କରିପାରେବୋଲି ନିଜର ବହୁମୂଲ୍ୟ ଉପାଦେୟ ତଥ୍ୟ ପ୍ରକାଶ କରିଥିଲେ ! ସେହିପରି ନୀଳଗିରି ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୁଲ୍ୟରେ 'ସ୍ୱାକ୍ଷରତା ଅଭିଯାନ'ରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ ମାଧମରେ ସଚେତନତା କରାଯାଇଥିଲା । ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲ ଛାତ୍ରଛାତ୍ରୀ ମାନେ ବିଭିନ୍ନ କୌତୁକିଆ ପୋଷାକ ପରିଧାନ କରି 'ସଡ଼କ ସୁରକ୍ଷା' ଉପରେ ଏକ ସଚେତନତା ଶୋଭଯାତ୍ରାରେ ବାହାରି ବିଭିନ୍ନ ସ୍ଥାନରେ ମଟର ସାଇକେଲ ଆରୋହୀ, ଗାଡ଼ି, ମଟର ଅଟକାଇ ଡ୍ରାଇଭର ମାନଙ୍କୁ ବେଲ୍ଟ, ହେଲମେଣ୍ଟ ପିନ୍ଧିବାକୁ ଅନୁରୋଧ କରି ସଚେତନତାର ବାର୍ତ୍ତା ଦେଇଥିଲେ । ଅନ୍ୟପକ୍ଷରେ ନୀଳଗିରି ଡିଗ୍ରୀ ମହାବିଦ୍ୟାଳୟରେ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ କଲେଜ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିଥିଲେ ।




## ଗଞ୍ଜେଇ କାରବାର ଚଳାଇଥିଲେ ଶିକ୍ଷକ: ପୋଲିସ ବାନ୍ଧିଲା

ବଲାଙ୍ଗିର, ୦୧/୧୨ (ନି.ପ୍ର): ବୌଦ୍ଧରୁ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ତୁଷୁରା ପୁଲିସ ହାବୁଡ଼ରେ ପଡ଼ି ଫେରାର ଥିବା ଜଣେ ଶିକ୍ଷକଙ୍କୁ ପୁଲିସ ଶେଷରେ ବୌଦ୍ଧରୁ ଗିରଫ କରିଛି । ଗିରଫ ଶିକ୍ଷକ ହେଲେ ବୌଦ୍ଧ ଜିଲ୍ଲା ଗୁଚିତରା ଗ୍ରାମର ଉଦ୍ଧବ ଦୀପ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ବୌଦ୍ଧ ଜିଲ୍ଲା ଆଶ୍ରେଗାଁ ୟୁପି ସ୍କୁଲରେ ଶିକ୍ଷକତା କରୁଥିବା ବେଳେ ଟଙ୍କା କମାଇବା ନିଶାରେ ଗଞ୍ଜେଇ କାରବାର ବି କରୁଥିଲେ ଶିକ୍ଷକ । ଗତବର୍ଷ ଜାନୁଆରି ୭ ତାରିଖରେ ନିଜ ନାମରେ ଥିବା ଏକ ଗାଡ଼ିରେ ନକଲି ନମ୍ବର ପ୍ଲେଟ (ଓଡି ୦୫- ୨୧୧୨) ଲଗାଇ ତୁଷୁରା ଦେଇ ଗଂଜେଇ ଚାଲାଣ କରୁଥିଲେ ।

## ବାରିପଦାରେ ଲୋକାର୍ପିତ ହେଲା କାଗଜବିହୀନ ଅଦାଲତ

ବାରିପଦା , ୦୧/୧୨ (ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଅତିରିକ୍ତ ଜିଲ୍ଲା ଏବଂ ଦୌରା ତଥା ସ୍ପେଶାଲ ଜଜ (ଭିଜିଲାନ୍ସ) ଅଦାଲତରେ କାଗଜବିହୀନ ଅଦାଲତର ଲୋକାର୍ପଣ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ ଅଦାଲତକୁ ଆଭାସୀ ମାଧମରେ ଓଡିଶା ହାଇକୋର୍ଟର ମାନ୍ୟବର କାର୍ଯ୍ୟକାରୀ ପ୍ରଧାନ ବିଚାରପତି ଜଷ୍ଟିସ ଡଃ ବି. ଆର. ଷଡ଼ଙ୍ଗୀ ଉଦଘାଟନ କରି ସମୟରେ ଆହ୍ୱାନ କ୍ରମେ କାଗଜ ବିହୀନ ଅଦାଲତର ଆବଶ୍ୟକତା ବେଶ ଅଧିକ ଥିବାବେଳେ ସାଧାରଣ ନାଗରିକ ମାନଙ୍କ ପାଇଁ ଏହା ଭବିଷ୍ୟତର ପଥ ପ୍ରଦର୍ଶକ ହେବ ବୋଲି କହିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଆଭାସୀ ମାଧମରେ ଆଇ.ଟି ଏବଂ ଏ.ଆଇ. କମିଟିର ଅଧକ୍ଷ ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଓଡିଶା ହାଇକୋର୍ଟର ଜଷ୍ଟିସ ଏ. କେ. ମହାପାତ୍ର ମଧ ଉପସ୍ଥିତ ଥିଲେ । ଏହି ଉଦ୍ଘାଟନୀ ସଭାରେ ଜିଲ୍ଲା ତଥା ଦୌରା ଜଜ ଡଃ ଅରବିନ୍ଦ ପଟ୍ଟନାୟକ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବାରିପଦା ଡ.ପ୍ରସନ୍ନ କୁମାର ପଣ୍ଡା, ସିଭିଲ ଜଜ ରେଜିଷ୍ଟ୍ରାର ଆଶିଷ କୁମାର ପରିଚ୍ଛା, ଭିଜିଲାନ୍ସ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର, ଆଇନଜୀବୀ ଶାନ୍ତନୁ କୁମାର ଦାଶ, ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ, ସୁଜାତା ମିଶ୍ର, ଚିନ୍ମୟୀ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।




## କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା

ପାରାଦୀପ, ୦୧/୧୨ (ନି.ପ୍ର): ଆଜି ଷଷ୍ଠ ସନ୍ଧ୍ୟା ର ସାଂସ୍କୃତିକ ସଭାରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଲଗ୍ନଜିତ ରାଉତ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ର ରେଜିଷ୍ଟାର ଡଃ କାହ୍ନୁ ଚରଣ ଧୀର ଓ ସମ୍ମାନିତ ଅତିଥି ଭାବେ ପିପିଏଲ ର ମୁଖ୍ୟ ସାଧାରଣ ପରିଚାଳକ (ମାନବ ସମ୍ବଳ) ଜଗନ୍ନାଥ ଖୁଣ୍ଟିଆ ଉପସ୍ଥିତ ଥିଲେ । ଅତିଥି ମାନେ କଳିଙ୍ଗ ନୌବାଣୀଜ୍ୟର ସ୍ମୃତି ଚରଣ କରିଥିଲେ । ଅପରାହ୍ନ ରୁ ବିଭିନ୍ନ କାର୍ଯ୍ୟକ୍ରମ ଆଧୁନିକ ନୃତ୍ୟ, ନୃତ୍ୟ ବିଚିତ୍ରା, ଓଡିଶୀ ନୃତ୍ୟ, ନୃତ୍ୟ ସଙ୍ଗୀତ, ମୟୁରଭଞ୍ଜ ର ଛଉ ନୃତ୍ୟ, କୋଲକାତାର ଥାଇଲ୍ୟାଣ୍ଡ ନେଲ ଡ୍ୟାନ୍ସ ଓ ହ୍ୟୁମାନ ସାଗର ଓ ସାଥି ମାନଙ୍କ ଦ୍ୱାରା ମେଲୋଡି ଉପସ୍ଥିତ ଦର୍ଶକ ଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।କଳିଙ୍ଗ ବାଲିଯାତ୍ରା ଯେତେ ସରି ସରି ଯାଉଛି ଲୋକଙ୍କ ଗହଳି ଧୀରେ ଧୀରେ ବଢି ବାରେ ଲାଗିଛି ।ଆଜି ଶୁକ୍ରବାର ପାଇଁ ଆମିଷ ଖାଦ୍ୟ ଖାଇବା ପାଇଁ ବେଶ ଭିଡ ରହିଥିବା ଦେଖିବାକୁ ମିଳିଥିଲା । ଲୋକମାନେ ପାଲିଶ୍ରୀ ମେଳରୁ ବିଭିନ୍ନ ଘର କରଣା ଜିନିଷ ମାନ କିଣାକିଣି କରୁଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo